# ନକଲି ସାମ୍ବାଦିକ ଚିହ୍ନଟ ପାଇଁ ଥାନାରେ ଦାବିପତ୍ର ପ୍ରଦାନ

**ମୁରିବାହାଲ, ୨୫ ।୨(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଅଞ୍ଚଳ ଓ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରେ ଦିନକୁ ଦିନ ମାଳମାଳ ନକଲି ସାମ୍ବାଦିକଙ୍କ ପ୍ରଦୁର୍ଭାବ ବଢ଼ିବାରେ ଲାଗିଛି। ୟୁଟ୍ୟୁବ ଚ୍ୟାନେଲ ଖୋଲି ଅନେକ ଯୁବକ ନିଜ ଗାଡ଼ିରେ ପ୍ରେସ୍ ଲେଖି ଅଞ୍ଚଳର ଅନେକ ସରକାରୀ, ବେସରକାରୀ ପ୍ରତିଷ୍ଠିତ ବ୍ୟବସାୟୀମାନଙ୍କଠାରୁ ପ୍ରେସ୍‌ର




ଭୟଦେଖାଇ ଅନେକ ଅର୍ଥରାଶି ଆଦାୟ ଓ ହଇରାଣ ହରକତ କରୁଥିବାର ଘଟଣା। ବାରମ୍ବାର ଦୃଷ୍ଟିଗୋଚର ଓ ଏପରିକି ଏହି ନକଲି ସାମ୍ବାଦିକମାନଙ୍କ ପ୍ରାଦୁର୍ଭାବ ଯୋଗୁଁ ସ୍ଥାନୀୟ ଜନସାଧାରଣ ଅତିଷ୍ଠ ହୋଇ ପଡ଼ିଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ତେଣୁ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରେ ଥିବା ଅନେକ ପତ୍ରକାର ସଂଗଠନ ଯେପରି ପ୍ରେସ୍ କ୍ଲବ କଣ୍ଟାବାଞ୍ଜି, ସାମ୍ବାଦିକ ସଂଘ ବଙ୍ଗୋମୁଣ୍ଡା, ସାମ୍ବାଦିକ ସଂଘ ମୁରିବାହାଲର କର୍ମକର୍ତ୍ତା ମୁରିବାହାଲ ଥାନାର ଦ୍ୱାରସ୍ଥ ହୋଇ ଏହି ଆସାମାଜିକ ବ୍ୟକ୍ତିଙ୍କୁ ତୁରନ୍ତ ଚିହ୍ନଟ କରିବାପାଇଁ ଦାବିପତ୍ର ଦିଆଯାଇଛି। ଆଗାମୀ ଦିନରେ ସରକାରଙ୍କ ତରଫରୁ ଜାରି ହୋଇଥିବା ସାମ୍ବାଦିକଙ୍କ ସୂଚିପ୍ରତି ସରକାରୀ କାର୍ଯ୍ୟାଳୟରେ ଲଗାଇ ଅଧିକାରୀମାନଙ୍କୁ ସଚେତନ କରିବା ସହିତ ବଲାଙ୍ଗୀର ଆରକ୍ଷୀ ଅଧିକ୍ଷକ ଓ ବଲାଙ୍ଗିର ଜିଲ୍ଲାପାଳଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯିବା ନେଇ ସଂଘ ର କର୍ମକର୍ତ୍ତାଙ୍କ ଦ୍ୱାରା ସ୍ଥିର କରାଯାଇଛି। ଦାବିପତ୍ର ପ୍ରଦାନ କରିବା ସମୟରେ ମୁରିବାହାଲ ସାମ୍ବାଦିକ ସଂଘ ସଭାପତି ସୁବ୍ରତ ମାହାକୁର, ପ୍ରେସ୍ କ୍ଲବ କଣ୍ଟାବାଞ୍ଜି ସଭାପତି ପ୍ରଭାଜିତ ସିଂ ସାଲୁଜା, ବଙ୍ଗୋମୁଣ୍ଡା ସାମ୍ବାଦିକ ସଂଘ ସଭାପତି ରଶ୍ମୀରଞ୍ଜନ ପୁଟେଲଙ୍କ ସହ ଅଞ୍ଚଳର ବରିଷ୍ଠ ସାମ୍ବାଦିକ ଶ୍ରୀବତ୍ସ ବେହେରା, କେଦାର ବଡ଼ଜେନା, ଦୀପକ ଯାଦବ, ସୁରଦାସ ବାଗ, ଦୁଳେଶ୍ୱର ହଂସ, ମନୋଜ କର, ତରଣୀସେନ ମେହେର, ବର୍ଣ୍ଣି ଗୁପ୍ତା, ସୁଦାମଚରଣ ବଘାର, ପ୍ରଫୁଲ୍ଲ ବଘାର, ଶଙ୍କର ମାଝୀ ଓ ମୁରିବାହାଲ ସାମ୍ବାଦିକ ସଂଘ ଆଇନ ପରାମର୍ଶଦାତା ଜୟଦୀପ ପୁରୋହିତ, ଶମ୍ଭୁଭୋଇ, ପ୍ରେସ୍ କ୍ଲବ କଣ୍ଟାବାଞ୍ଜି, ସାମ୍ବାଦିକ ସଂଘ ମୁରିବାହାଲ ଓ ସାମ୍ବାଦିକ ସଂଘ ବଙ୍ଗୋମୁଣ୍ଡାର ଅନେକ ସାମ୍ବାଦିକ ଉପସ୍ଥିତ ରହି ମୁରିବାହାଲ ଥାନା ଏସ୍‌ଆଇ ଦନାର୍ଦ୍ଦନ ଓରାମଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ମୋ ଗାଁ ମୋ ମନ୍ଦିର

# ଘାଟି ଉପରେ ରହିଛି ସୁଲିଆ ମନ୍ଦିର

**ବଲାଙ୍ଗିର, ୨୫।୨(ସମିସ)**

ଯନ୍ତ୍ରମନ୍ତ୍ର ଓ ତନ୍ତ୍ର ସାଧାନାରେ ପୀଠ ବଲାଙ୍ଗିର। ବର୍ତ୍ତମାନର ବଲାଙ୍ଗିର ତଥା ପୂରାତନ ପାଟଣା ରାଜ୍ୟରେ ଈଶ୍ୱର ବିଶ୍ୱାସୀ ଥିଲେ ଶାସନ କରୁଥିବା ରାଜା। ତାଙ୍କ ପ୍ରଚେଷ୍ଟାରେ ନିର୍ମାଣ ହୋଇଥିବାବେଳେ ଶତାଧିକ ଛୋଟବଡ ମନ୍ଦିରମାନେ ଆଜି ବି ମୁଣ୍ଡ ଟେକି ରହି ବଲାଙ୍ଗିରର ସ୍ୱର୍ଣ୍ଣିମ ଇତିହାସ ବଖାଣୁଛି। ସମୟାନୁକ୍ରମେ ଅନେକ ପ୍ରସିଦ୍ଧି ହାସଲ କରିଛନ୍ତି ଆଉ କିଛି ଲୋକଲୋଚନ କୁ ଆସିନାହାନ୍ତି କିନ୍ତୁ ଶ୍ରଦ୍ଧାଳୁଙ୍କ ବିଶ୍ୱାସ ଜିଣିପାରିଛି। ସେହିଭଳି ମନ୍ଦିର ଗୁଡିକୁ ସାମ୍ନାକୁ ଆଣିବା ପାଇଁ 'ସକାଳ' ର ଉପସ୍ଥାପନା 'ମୋ ଗାଁ ମୋ ମନ୍ଦିର'।

ଆଦିବାସୀ ସମ୍ପ୍ରଦାୟର ମୁଖ୍ୟ ଦେବତା ସୁଲିଆ ବୁଢା। ତାଙ୍କୁ ନେଇ ଭକ୍ତଙ୍କମନରେ ଅଗାଢ ଭକ୍ତି ରହିଛି। ପରମ୍ପରାଗତ ଭାବରେ ଆଦିକାଳରୁ ତାଙ୍କର ପୂଜାର୍ଚ୍ଚନା ହୋଇଆସୁଛି। ସୁଲିଆଙ୍କୁ ନେଇ ବିଭିନ୍ନ ଲୋକକଥା ମଧ୍ୟ ରହିଛି। ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ସୁଲିଆ ବୁଢାଙ୍କ ପୀଠ ଦେଖିବାକୁ ମିଳେ। ଏହିକ୍ରମରେ ଖଇରଗୁଡାକୁ ସ୍ଥିତ ପ୍ରସିଦ୍ଧ ସୁଲିଆ ପୀଠକୁ ଯିବା ପୂର୍ବରୁ ସୁଲିଆ ଘାଟିରେ ରହିଥିବା ସୁଲିଆ ବୁଢାଙ୍କ ମନ୍ଦିରର କାହାଣୀ ମଧ୍ୟ ରୋଚକ।

ଖଇରଗୁଡାକୁ ଯିବା ପୂର୍ବରୁ ପଡେ ସୁଲିଆ ଘାଟି। ସୁଲିଆ ପୂଜା ସ୍ଥଳ ବା ଖଳାକୁ ଯିବା ପୂର୍ବରୁ ସେଠାରେ ଘାଟିରେ ଥିବା ସୁଲିଆ ମନ୍ଦିରରେ ମଧ୍ୟ ଶ୍ରଦ୍ଧାଳୁ ମାନେ ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳେ। ତେବେ ସେଠାରେ ପୂଜା କରୁଥିବା ସେବକ ହାଡି ମନହୀରା ଓ ରାମଚନ୍ଦ୍ର ଚନ୍ଦନଙ୍କ କହିବା ଅନୁସାରେ ସୁଲିଆଙ୍କୁ ପୂଜା କରୁଥିବା ସାତ କନ୍ଧଭାଇ ଭିତରେ ଜଣେ



ପୁରୁଣାପାଣି ଗ୍ରାମରେ ରହୁଥିଲେ। ସେ ସୁଲିଆ ବୁଢାଙ୍କୁ ସେବା କରିବାକୁ ଅକ୍ଷମତା ପ୍ରକାଶ କରି ଖଇରଗୁଡାରେ ଥିବା ମୁଖ୍ୟ ପୂଜାସ୍ଥଳରେ ସ୍ଥାପନା କରିବାକୁ ଚାହିଁଲେ। କିନ୍ତୁ ଦେବତା ଦୁଇ ସ୍ଥାନରେ ପୂଜା ପାଇବାକୁ ଇଚ୍ଛା ପ୍ରକାଶ କରି ସେହି ଘାଟି ତଳେ ସ୍ଥାପିତ ହୋଇ ରହିଲେ। ସେହି ଯାତ୍ରାଦେଇ କିନ୍ତୁ ସୁଲିଆ ଘାଟିର ଉପରେ ତାଙ୍କର ଉଦ୍ଦେଶ୍ୟରେ, ନଡିଆ, ସିନ୍ଦୁର ପ୍ରତିଦିନ ଅର୍ପଣ କରିଥାନ୍ତି। ସମୟକ୍ରମେ ସେଠାରେ ମନ୍ଦିର ତୋଳାଯାଇଛି। ଚାରିଦିଗରେ ଘଞ୍ଚ ଅରଣ୍ୟ ଘେରା ପାହାଡ ମଧ୍ୟରେ ରହିଛି ଏହି ମନ୍ଦିର। ପ୍ରତିଦିନ ଏଠାରେ ଭକ୍ତ ମାନେ ପୂଜାର୍ଚ୍ଚନା କରୁଥିବାବେଳେ ସୁଲିଆ ପୂଜା ଦିନ ପ୍ରବଳ ଭିଡ଼ ହୋଇଥାଏ।

# ଦେଓଗାଁରେ ବନାଗ୍ନି ପ୍ରତିରୋଧ ସଚେତନତା ସଭା

**ଦେଓଗାଁ, ୨୫।୨(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବନାଗ୍ନି ପ୍ରତିରୋଧ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ରେଞ୍ଜ ଅଧିକାରୀ ଯୁଧିଷ୍ଠିର ଜାଲଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ରେଞ୍ଜର ଆରଏନ ପାଢ଼ୀ ଯୋଗଦେଇ ଜଙ୍ଗଲରେ ଲାଗୁଥିବା ନିଆଁକୁ କିପରି ଆୟତ୍ତ କରାଯିବ ଓ ଗ୍ରାମାଞ୍ଚଳରେ ଲୋକେ କେମିତି ଜଙ୍ଗଲର ସୁରକ୍ଷା ଦିଗରେ ସଚେତନ ହୋଇପାରିବେ ସେ ଉପରେ ଆଲୋକପାତ କରିଥିଲେ। ଏ ଅବସରରେ ସମ୍ମାନିତ ଅତିଥି ଭାବେ ବିଡିଓ କ୍ଷମାନିଧି ଭୋଇ, ସମିତି ସଭ୍ୟା ମିନା କୁମାରୀ ସା ପ୍ରମୁଖ ଯୋଗଦେଇ ଥିଲେ। ଦେଓଗାଁ ରେଞ୍ଜ ଅଧୀନ ବିଟ୍‌ରେ କର୍ମଚାରୀ ଅଭାବ ହେତୁ ଜଙ୍ଗଲରେ ଲାଗୁଥିବା ନିଆଁକୁ ସଠିକ ମାତ୍ରାରେ ଆୟତ୍ତ କରିବା ସମ୍ଭବପର ହେଉ ନ ଥିବା କିଛି କର୍ମଚାରୀ ଅଭିଯୋଗ ଉଠାଇଥିବାବେଳେ ଏନେଇ ଗାଁରେ ଗଠିତ ହୋଇଥିବା ଜଙ୍ଗଲ ସୁରକ୍ଷା ସମିତି ଓ ସଚେତନ ନାଗରିକ ମାନେ ଦୃଷ୍ଟିଦେଲେ ଜଙ୍ଗଲ ସୁରକ୍ଷାର ପରିଚାଳନା ଠିକ୍ ଭାବେ ହୋଇପାରନ୍ତା ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ପୂର୍ବତନ ବ୍ଲକ ଅଧ୍ୟକ୍ଷ କୈଳାସ ତାଣ୍ଡି, ହାତୀସରା ସମିତି ସଭ୍ୟ ବିଶ୍ୱଜିତ ପାତ୍ର ସମେତ ଫରେଷ୍ଟର, ବନ କର୍ମଚାରୀ ଓ ପାରାଷ୍ଟାଫ ବୃନ୍ଦ ଉପସ୍ଥିତ ଥିଲେ।



# ମିଳିଲାନି ଏନ୍‌ଏସି ମାନ୍ୟତା, ବନ୍ଦର ଆଂଶିକ ପ୍ରଭାବ

**ଲୋଇସିଂହା, ୨୫ ।୨(ସମିସ):** ବଲାଙ୍ଗିର ଜିଲ୍ଲା ଲୋଇସିଂହାକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା ନ ମିଳିବା ପ୍ରତିବାଦରେ ରବିବାର ୧୨ ଘଣ୍ଟିଆ ରାସ୍ତା ଅବରୋଧ କରାଯାଇଥିଲା। ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ବିଜେପି ସମର୍ଥନରେ ଏହି ଆନ୍ଦୋଳନ ଡାକରା ଦିଆଯାଇଥିବା ବେଳେ ୨୬ ନମ୍ବର ଜାତୀୟ ରାଜପଥ କଲେଜ ଛକ ଓ ଚାରି ଛକଠାରେ ରାସ୍ତା ଅବରୋଧ କରାଯାଇଥିଲା। ଦୋକାନ ବଜାର ଆଂଶିକ ଭାବେ ବନ୍ଦ ହୋଇଥିବା ବେଳେ ଦୀର୍ଘ ଘଣ୍ଟା ଧରି ଏହି ରାସ୍ତାରେ ଯିବା ଆସିବା ବନ୍ଦ ରହିଥିଲା। ଗାଡ଼ି ଗୁଡ଼ିକ ଦୀର୍ଘ ସମୟ ଧରି ଅଟକି ରହିଥିଲା। ସୂଚନା ଯୋଗ୍ୟ ଯେ ଦୀର୍ଘ ବର୍ଷ ହେଲା ଲୋଇସିଂହା କୁ ଏନ୍‌ଏସି ମାନ୍ୟତା ପ୍ରଦାନ କରିବା ପାଇଁ ଦାବି ହୋଇଆସୁଛି। ରାଜ୍ୟ ସରକାର ନୂତନ ୩୪ ଏନଏସି ଘୋଷଣା କରିଥିବା ତାଲିକାରେ ଲୋଇସିଂହାର ନାମ ନାହିଁ। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିଲା।

# ପଶ୍ଚିମ ଓଡ଼ିଶା କୁମ୍ଭାର ମହାସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ

**ବଲାଙ୍ଗିର, ୨୫।୨(ସମିସ):** ଯାଦବ ଭବନ ବଲାଙ୍ଗିରଠାରେ ଚକ୍ରପାଣି ରଣାଙ୍କ ଅଧ୍ୟକ୍ଷତାରେ ପଶ୍ଚିମ ଓଡ଼ିଶା କୁମ୍ଭାର ମହାସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ପଶ୍ଚିମ ଓଡ଼ିଶା ୧୨ ଗୋଟି ଜିଲ୍ଲାରୁ ସଭାପତି, ସମ୍ପାଦକ ତଥା ପଦାଧିକାରୀ ଉପସ୍ଥିତ ହୋଇଥିଲେ। ଉକ୍ତ ସଭାରେ ସମ୍ମାନୀତ ଅତିଥି ଭାବେ ଅରୁଣ ରଣା, ସୁରେଶ ଚନ୍ଦ୍ର ରଣା, କମ୍ବୁପାଣି ରଣା ଉପସ୍ଥିତ ଥିଲେ। ଏହି ସଭାରେ ନୂତନ ଭାବରେ ପଶ୍ଚିମ ଓଡ଼ିଶାର କୁମ୍ଭାର ସମାଜର କର୍ମକର୍ତ୍ତା ନିର୍ବାଚିତ ହୋଇଥିଲେ।



ସଭାପତି ଶୁଶିଲ କୁମାର ରଣା, ସାଧାରଣ ସମ୍ପାଦକ ବିଶ୍ୱନାଥ ରଣା, ଉପ-ସଭାପତି ମଣ୍ଡଳି ଓମ୍ ପ୍ରକାଶ ରଣା, ଶିବ ପ୍ରସାଦ ଉପଦେଷ୍ଟା ମଣ୍ଡଳୀ ଅରୁଣ ରଣା, ଚକ୍ରପାଣି ରଣା, ରଘୁରାଜ ରଣା, ନିଳାକାର ରଣା, ଗଣେଶ୍ୱର ରଣା, ଭକ୍ତଚରଣ ରଣା, ଯୁଗଲ ଯାଦବ ରଣା, ବିନୋଦ କୁମାର ରଣା, କାହ୍ନୁ ଚରଣ ରଣା, ଶ୍ରୀକାନ୍ତ ରଣା, ସୁରେଶ ଚନ୍ଦ୍ର ରଣା, ଯୁଗ୍ମ ସମ୍ପାଦକ ତିଲୋତ୍ତମା ରଣା, କଳ୍ପନା ରଣା, ବିଜୟଲକ୍ଷ୍ମୀ ରଣା, ମଦନା ରଣା, କିଶୋର ରଣା, କମ୍ବୁପାଣି ରଣା, ଅରୁଣ ରଣା ରହିଥିଲେ। ଏହି ସଭାକୁ ସହଯୋଗ କରିଥିଲେ ଶଶିଭୂଷଣ ରଣା, ଅନିଲ କୁମାର ରଣା, ପ୍ରମୋଦ ରଣା, ସୁବଳ ରଣା। ଶେଷରେ ସଭାପତି ସମସ୍ତ ଉପସ୍ଥିତ କୁମ୍ଭାର ସମାଜ ବନ୍ଧୁମାନଙ୍କୁ ଧନ୍ୟବାଦ ଜଣାଇ ସଭା ସାଙ୍ଗ କରିଥିଲେ।

# ମଦ ଜବତ, ଜଣେ ଗିରଫ

**ବଲାଙ୍ଗିର, ୨୫।୨(ସମିସ):** ବଲାଙ୍ଗିର ଜିଲ୍ଲା ପୁଇଁତଲା ଥାନା ଲୁକାପଡ଼ାଠାରେ ମଦ ଜବତ କରିଛି ପୁଇଁତଲା ପୁଲିସ। ଏହି ଘଟଣାରେ ଜଣକୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ନଗନ୍ଦ୍ରେକୁମାର। ସେ ବିହାର ରୁ ଆସି ସହର ଉପକଣ୍ଠସ୍ଥ କଦମ ପଡ଼ାରେ ରହୁଥିଲେ। ଏବଂ ଲୁକାପଡ଼ା ଅଞ୍ଚଳରେ ବେଆଇନ ଭାବରେ ମଦ ବିକ୍ରି କରୁଥିଲେ। ପୁଇଁତଲା ପୁଲିସ ପାଟ୍ରୋଲିଂ କରିବା ସମୟରେ ଖବର ପାଇ ନଗେନ୍ଦ୍ରକୁ ଧରିଥିଲା। ତା ଠାରୁ ୧୨୨ ବିଦେଶୀ ମଦ ଜବତ କରାଯାଇଥିବା ସୂଚନା କରାଯାଇଛି। ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ପୁଇଁତଲା ପୁଲିସ ସୂଚନା ଦେଇଛି।

# ଗ୍ରାମୀଣ ଡ଼ାକ ସେବକ ସଂଘର ବାର୍ଷିକ ସମ୍ମିଳନୀ

**ବଲାଙ୍ଗିର, ୨୫ ।୨(ସମିସ):** ବଲାଙ୍ଗିର ଜିଲ୍ଲା ମୁଖ୍ୟ ଡାକଘର ସାମ୍ନାରେ ସର୍ବ ଭାରତୀୟ ଗ୍ରାମୀଣ ଡ଼ାକ ସେବକ ସଂଘ ବଲାଙ୍ଗିର ମଣ୍ଡଳୀ ଦ୍ୱାରା ବାର୍ଷିକ ସମ୍ମିଳନୀ ସଭା ଅନୁଷ୍ଠିତ ହୋଇଛି। ସଂଘର ସଭାପତି ଜୟକୃଷ୍ଣ ସାହୁଙ୍କ ସଭାପତିତ୍ୱରେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ମୁଖ୍ୟ ଅତିଥିଭାବେ, ସମ୍ମାନିତ ଅତିଥିଭାବେ ଭାବେ ପଶ୍ଚିମ ଓଡ଼ିଶାର ମିଳିତ ଟ୍ରେଡ ୟୁନିଅନର ସଭାପତି ତଥା ବରିଷ୍ଠ ଆଇନଜୀବୀ ପ୍ରମୋଦ ମିଶ୍ର ଯୋଗଦାନ କରିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ଦଶରଥ ଦାସ, ସଭାପତି ଜୟକୃଷ୍ଣ ସାହୁ ଉପସ୍ଥିତ ରହି ସଭାର ଲକ୍ଷ୍ୟ, ଉଦ୍ଦେଶ୍ୟ ଉପରେ ସମସ୍ତଙ୍କୁ ଜଣାଇଥିଲେ। ଡାକ ସେବକ ମାନଙ୍କ ପାଇଁ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ରାଜ୍ୟସଭାଠାରେ ଦାବି ଜଣାଇଥିବାରୁ ସଂଘ ପକ୍ଷରୁ ଧନ୍ୟବାଦ୍ ଜଣାଇଥିଲେ। ଏହି ବୈଠକରେ ପୁଣିଥରେ ମଣ୍ଡଳ ସଭାପତି ଜୟକୃଷ୍ଣ ସାହୁ, ସମ୍ପାଦକ ଦଶରଥ ଦାସ, ଉପସଭାପତି ଚବିଲାଲ ସାହୁ, ସହ ସମ୍ପାଦକ ମଧୁସୂଦନ ତ୍ରିପାଠୀ, କୋଷାଧ୍ୟକ୍ଷ ଖିରୋଦ୍ର ଗଡ଼ତ୍ୟ ନୂତନ ସଂଘ କର୍ମକର୍ତ୍ତା ଭାବେ ନିର୍ବାଚିତ ହେଲେ। ଏହି ସଭାରେ ଟ୍ରେଡ୍ ୟୁନିଅନ ଲିଡର ବିଭୁଦତ୍ତ ମିଶ୍ର, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପୋଷ୍ଟମାଷ୍ଟର ଦାମୋଦର ମିଶ୍ର, ଶ୍ରମିକ ସଂଘର ନେତା ରବିଚନ୍ଦ୍ର ମିଶ୍ର ଉଦ୍‌ବୋଧନ ଦେଇଥିଲେ।

# ମହାନ କଳାକାର ସ୍ୱର୍ଗତ ଉଦୟନାଥ ଦର୍ଜୀଙ୍କୁ ଶ୍ରଦ୍ଧାର୍ପଣ

**ବଲାଙ୍ଗିର, ୨୫।୨(ସମିସ):** ପୃଥ୍ୱୀରାଜ ହାଇସ୍କୁଲ ୧୯୭୭ ସାମାଜିକ ସାଂସ୍କୃତିକ ସଂଘ ଦ୍ୱାରା ସ୍ୱର୍ଗତ ଉଦୟନାଥ ଦର୍ଜୀଙ୍କ ଦ୍ୱାଦଶାହ ଗଙ୍ଗାଶ୍ରାଦ୍ଧ ଅବସରରେ ସୁଦପଡ଼ା କଲ୍ୟାଣ ମଣ୍ଡପ ଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସ୍ୱର୍ଗତ ଦର୍ଜୀ ଜଣେ ବହୁମୁଖୀ ପ୍ରତିଭା ଥିଲେ। ପଶ୍ଚିମ ଓଡିଶାର ପୁରୁଣା ପ୍ରଖର ଗୀତକାର, ଆକାଶବାଣୀର ସ୍ୱୀକୃତ କଳାକାର, ଜଣେ ସୁଦକ୍ଷ ଅଭିନେତା, ଅପ୍ରତିଦ୍ୱନ୍ଦୀ କୀର୍ତ୍ତନ ଗୁରୁ, ପାଲା ଓ ଦାସକାଠିଆ ଗାୟକମାନଙ୍କ ପ୍ରିୟ ସମ୍ବଲପୁରୀ ଗୀତକାର, ଚମତ୍କାର ଛନ୍ଦୋବଦ୍ଧ କବିତାର ସ୍ରଷ୍ଟା, ବଲାଙ୍ଗିର କୋଶଳ କଳା ମଣ୍ଡଳ ମଞ୍ଚରେ ବହୁବାର କଳା ନିପୁଣତା ପ୍ରଦର୍ଶନ କରିଥିବା ଏହି ମହାନ କଳାକାରଙ୍କ ସମୃତି ଚାରଣ କରାଯାଇଥିଲା। ସଂଘର ସଭାପତି ରତନ କୁମାର ମହାରଣା, ସମ୍ପାଦକ ଡ. ସୁକାନ୍ତ ପୁରୋହିତ, କୋଷାଧକ୍ଷ ବ୍ରଜବନ୍ଧୁ ସାଏଙ୍କ ସମେତ ନେରନ୍ଦ୍ର କୁମାର ଆଚାର୍ଯ୍ୟ, ସୁବାଷ ଚନ୍ଦ୍ର ଶତପଥୀ, ସନ୍ତୋଷ କୁମାର ତ୍ରିପାଠୀ, ମୋହନ ଗୋପାଳ ପଣ୍ଡା, କୃପାସିନ୍ଧୁ ମିଶ୍ର, ଭଗବାନ ବଗର୍ତ୍ତୀ, ସତ୍ୟ ନାରାୟଣ ଦର୍ଜୀ, ସତ୍ୟ ନାରାୟଣ ପଣ୍ଡା ଓ ପ୍ରଦୀପ ମିଶ୍ର ପ୍ରମୁଖ ଅନେକ ସଦସ୍ୟ ସ୍ୱର୍ଗତ ଦର୍ଜୀଙ୍କ ପରିବାର ବର୍ଗଙ୍କ ଶୋକରେ ସହଭାଗୀ ହୋଇଥିଲେ।



# ହରିହର ଉଚ୍ଚ ବିଦ୍ୟାଳୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ସମ୍ମାନିତ




**ଲୋଇସିଂହା, ୨୫ ।୨(ସମିସ):** ବଲାଙ୍ଗିର ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଜିଲ୍ଲାସ୍ତରୀୟ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଛି। ଏଥିରେ ଲୋଇସିଂହା ବ୍ଲକ ଯୋଗୀସର୍ଡାସ୍ଥିତ ହରିହର ଉଚ୍ଚ ବିଦ୍ୟାଳୟର ଶିକ୍ଷା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ୧୬ ଜଣ ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଜିଲ୍ଲା ତଥା ରାଜ୍ୟସ୍ତରରେ ସୁନାମ ଅର୍ଜନ କରିଥିବା ହରିହର ଉଚ୍ଚ ବିଦ୍ୟାଳୟକୁ ମଧ୍ୟ ବ୍ଲକର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ଭାବେ ପୁରସ୍କୃତ କରାଯାଇଛି। ପ୍ରଧାନଶିକ୍ଷକ ଅଶୋକ କୁମାର ତ୍ରିପାଠୀ 'ଶ୍ରେଷ୍ଠ ଅନୁଷ୍ଠାନ' ଓ 'ପ୍ରଧାନ ଶିକ୍ଷକ' ପୁରସ୍କାର ଗ୍ରହଣ କରିଥିବା ବେଳେ ପରିଚାଳନା କମିଟି ସଭାପତି ସୁରେନ୍ଦ୍ର କୁମାର ସା 'ଶ୍ରେଷ୍ଠ ସ୍କୁଲ ପରିଚାଳନା କମିଟି' ପୁରସ୍କାର ଗ୍ରହଣ କରିଥିଲେ। ବିଦ୍ୟାଳୟର ଏହି ବିରଳ କୃତିତ୍ୱ ପାଇଁ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଅଭିଭାବିକା, ଆଲୁମିନି ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ଖୁସିରଲହରୀ ଖେଳିଯିବା ସହ ପ୍ରଧାନଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ବୋଟଲିଂ ପ୍ଲାଣ୍ଟରେ ସୁରକ୍ଷା ଓ ନିରାପତ୍ତା କର୍ମଶାଳା

**ବଲାଙ୍ଗିର, ୨୫।୨ (ସମିସ):** ଭାରତୀୟ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ୍ ଏଲପିଜି ବୋଟଲିଂ ପ୍ଲାଣ୍ଟ ବଲାଙ୍ଗିର ସହର ସଦାଇପାଲି ପାଖରେ ଥିବା ସୁରକ୍ଷା ଓ ନିରାପତ୍ତା କର୍ମଶାଳା ଅନୁଷ୍ଠିତ ହୋଇଛି। ବୋଟଲିଂ ପ୍ଲାଣ୍ଟର ମ୍ୟାନେଜର ବ୍ରଜେଶ ସିଂହ ଗୁଜରଙ୍କ ସଭାପତିତ୍ୱ ଓ ଅତିରିକ୍ତ ମ୍ୟାନେଜର ତଥା ପ୍ଲାଣ୍ଟର ସେଫ୍‌ଟି ଅଧିକାରୀ ପ୍ରଶାନ୍ତ ସିଂହଙ୍କ ସଂଯୋଜନାରେ ତାଲିମଦାତା ଭାବରେ ପ୍ରାଥମିକ ଚିକିତ୍ସା ଅଧ୍ୟାପକ ରବିଚନ୍ଦ୍ର ପଶାୟତ, ରାମନାରାୟଣ ଦାଶ, ନିରଞ୍ଜନ ବିଶ୍ୱାଳ ଯୋଗ ଦେଇଥିଲେ। ନିଆଁରୁ ରକ୍ଷା ପାଇବାର ଉପାୟ, ଏଲ୍‌ପିଜି ସିଲିଣ୍ଡର ବିସ୍ଫୋରଣ ହେଲେ କଣ କରିବା ନ କରିବା, ଅଗ୍ନିନିରାପତ୍ତା କୌ÷ଶଳ, ଧୂଆଁରୁ ରକ୍ଷା ପାଇବା ପାଇଁ ଉପାୟ, ସକ୍, ମୁର୍ଚ୍ଛା, ରକ୍ତସ୍ରାବ, ଅସ୍ଥିଭଙ୍ଗା, ସିପିଆର, ବେଣ୍ଡେଜ, ସ୍ଥାନାନ୍ତରଣ ଆଦି ଅନେକ ବିଷୟବସ୍ତୁ ଗୁଡିକୁ ଡେମୋଷ୍ଟ୍ରେସନ ମାଧ୍ୟମରେ ତାଲିମଦାତାମାନେ କାର୍ଯ୍ୟକ୍ରମ କରିଥିଲେ। ଚନ୍ଦନ କୁମାର ମହାନ୍ତିଙ୍କର ମାର୍ଗଦର୍ଶନରେ ବୋଟଲିଂ ପ୍ଲାଣ୍ଟର ସମସ୍ତ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

## ବ୍ଲକସ୍ତରୀୟ ଶୌଣ୍ଡିକ ସମାଜ ସମ୍ମିଳନୀ

# ତୃଣମୂଳସ୍ତରରେ ସଂଗଠିତ ହେବାକୁ ଆହ୍ୱାନ

**ଖପ୍ରାଖୋଲ, ୨୫ ।୨(ସମିସ)**

ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋରସ୍ଥିତ ଗୋଷ୍ଠୀକେନ୍ଦ୍ର ପ୍ରାଙ୍ଗଣରେ ବ୍ଲକସ୍ତରୀୟ ଶୌଣ୍ଡିକ ସମାଜ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଛି। ଏହି ସମ୍ମିଳନୀ ବ୍ଲକ ସଭାପତି ବିଜୟ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବାବେଳେ ମୁଖ୍ୟ ଅତିଥିଭାବେ ବଲାଙ୍ଗିର ଜିଲ୍ଲା ସଭାପତି କଲାକାହ୍ନୁ ବେହେରା, ମୁଖ୍ୟ ବକ୍ତାଭାବେ ସୋନପୁର ଜିଲ୍ଲା ସଭାପତି କାମଦାର ବେହେରା, ସମ୍ମାନିତ ଅତିଥି ଭାବେ ରାଜ ବୁଢାସମ୍ବର ସଭାପତି ଅମୂଲ୍ୟ କୁମାର ବେହେରା, ବଲାଙ୍ଗିର ଜିଲ୍ଲା ପୂର୍ବତନ ସଭାପତି ତେଜରାଜ ବେହେରା, ରାଜବୁଢା ସମ୍ବର ପୂର୍ବତନ ସଭାପତି




ତୁଲରାମ ବେହେରା, ଆଞ୍ଚଳିକ ସଭାପତି ଲିଙ୍ଗରାଜ ବେହେରା, ବରିଷ୍ଠ ସଦସ୍ୟ ନବୀନ ବେହେରା, ତୁରେକେଲା ସଭାପତି ମହାଦେବ ବେହେରା, ପାଟଣାଗଡ଼ ସଭାପତି ଭରତ ବେହେରା ଯୋଗ ଦେଇଥିବାବେଳେ ଗଣ୍ଡାରାମ ବେହେରା ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟବକ୍ତା ଶ୍ରୀ ବେହେରା ମତାନ୍ତର ମନାନ୍ତର ଭୁଲି ସମାଜର ସଭିଏ ଏକତ୍ର ହୋଇ ସମାଜର ବିକାଶ କରିବାକୁନ ଆହ୍ୱାନ ଦେଇଥିଲେ। ହରିଶଙ୍କରଠାରେ ଏକ ଗୋଷ୍ଠୀକେନ୍ଦ୍ର ନିର୍ମାଣ କରିବା, ସମାଜକୁ ସୁଦୃଢ କରିବା ପାଇଁ ସମାଜର ସମସ୍ତ ସଦସ୍ୟ ସାମିଲ ହେବାକୁ କହିଥିଲେ। ଏହି ଅବସରରେ ରାଜ କୁମାର ବେହେରା, ନକୁଳ ବେହେରା ବୁଲୁ ବେହେରା, ପରମେଶ୍ୱର ବେହେର, ଦୁର୍ଗା ବେହେରା, ବେଦବ୍ୟାସ ବେହେରା, ଶ୍ୟାମ ବେହେରା, ହରେକୃଷ୍ଣ ବେହେରା, ପ୍ରଦୀପ ବେହେରା, ତାପସ ରଞ୍ଜନ ବେହେରା ଓ ଶୌଣ୍ଡିକ ସମାଜର ଶତାଧିକ ସଦସ୍ୟମାନେ ଯୋଗ ଦେଇଥିଲେ।

# ବଙ୍ଗୋମୁଣ୍ଡା ଏନ୍‌ଏସି ନହେବା କାରଣରୁ ଜନଅସନ୍ତୋଷ

**ବଙ୍ଗୋମୁଣ୍ଡା, ୨୫।୨(ସମିସ):** ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡାକୁ ଏନ୍‌ଏସି କରିବା ପାଇଁ ଦୀର୍ଘ ଦିନରୁ ଦାବି ହୋଇଆସୁଥିଲେ ସୁଦ୍ଧା ୩୪ ଟି ସ୍ଥାନ ଘୋଷିତ ହୋଇଥିଲେ ସୁଦ୍ଧା ଏନଏସି ତାଲିକାରେ ବଙ୍ଗୋମୁଣ୍ଡାର ନାମ ପ୍ରକାଶ ନହେବା କରଣରୁ ଜନଅସନ୍ତୋଷ ଦେଖାଦେଇଛି। ଲୋକେ ତାଙ୍କର ଅସନ୍ତୋଷ ପ୍ରକାଶ କରି ବିଭିନ୍ନ ସୋସିଏଲ ମିଡିଆରେ ପ୍ରତିକ୍ରିୟା ରଖୁଛନ୍ତି। ବଙ୍ଗୋମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ଅଜିତ ଯୋଷୀଙ୍କ ଆବହକତ୍ୱରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଶ୍ରୀ ଯୋଷୀଙ୍କ ସମେତ ବ୍ଲକ ଉପାଧ୍ୟକ୍ଷ କେଶବ ନାରାୟଣ ଜୈନ, ପୂର୍ବତନ ସରପଞ୍ଚ ଶୁଶାନ୍ତ କୁମାର ଯୋଷୀ, ରାଜୀବ ସଗରିଆ, ନରସିଂ ଥନାପତି, ନିରଞ୍ଜନ ବଗର୍ତ୍ତୀ, ଚିଣ୍ଟୁ ପୁଟେଲ, ବିକାଶ ଜୈନ, ବସନ୍ତ ଜୈନ, ଗୌରଭ ଜୈନ, ରିଷବ ଜୈନ, ଚକ୍ରଧର ପୁଟେଲ ମଧୂ ବାରିକ, ଜତିନ୍ଦ୍ର ପୁଟେଲ, ବିଜୟ ଜୈନ, ବାଳକୃଷ୍ଣ ଭାଟି, ପରମେଶ୍ୱର ପଣ୍ଡା ଏବଂ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।



# ତହଁକ କୁଟୁମ ତରଫରୁ କୋଶଲି ସ୍ୱାଭିମାନ ଦିନ୍ ପାଳିତ

**ବଲାଙ୍ଗିର, ୨୫ ।୨(ସମିସ) :** କୋଶଲ ରତ୍ନ ପଣ୍ଡିତ ପ୍ରୟାଗଦତ୍ତ ଯୋଶୀଙ୍କ ଜୟନ୍ତୀକୁ ଦୀର୍ଘ ବର୍ଷ ହେଲା କୋଶଲି ସ୍ୱାଭିମାନ ଦିନ୍ ଭାବରେ ପାଳନ କରାଯାଉଛି। ଏହି କ୍ରମରେ ପଶ୍ଚିମ ଓଡ଼ିଶାରେ କୋଶଲୀ ଭାଷା ସାହିତ୍ୟକୁ ଆଗକୁ ନେଉଥିବା ବଲାଙ୍ଗିରର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ 'ତହଁକ'କୁଟୁମ ତରଫରୁ ବଲାଙ୍ଗିର ଠାରେ କୋଶଲି ସ୍ୱାଭିମାନ ଦିନ୍ ପାଳିତ ହୋଇଯାଇଛି। ରାଜୀବ ପ୍ରସାଦ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିସଭାରେ କବି ଦିଲୀପ କୁମାର ମିଶ୍ର ବକ୍ତା ଭାବରେ ଯୋଗଦେଇ ଓଡ଼ିଆ ଏବଂ କୋଶଲୀ ଭାଷାର ସମୃଦ୍ଧ ପାଇଁ ପଣ୍ଡିତ ଯୋଷୀଙ୍କ ଅବଦାନ ଅତୁଳନୀୟ ବୋଲି ମତ ରଖିଥିବାବେଳେ ତହଁକ୍ ସମ୍ପାଦକ ରାଜେଶ ଦଣ୍ଡସେନା ଆମେ ଯଦି ଆଜି କୋଶଲୀ ଭାଷା ବୋଲି ଏକ ସ୍ୱତନ୍ତ୍ର ପରିଚୟ ପାଇଛେ ସେଇଟା କେବଳ ପଣ୍ଡିତ ଯୋଶୀଙ୍କର ପ୍ରଚେଷ୍ଟାରେ ହିଁ ସମ୍ଭବ ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ କବି ଅର୍ଜୁନ କୁମାର ସାହୁ ପରିଚାଳନା କରିଥିବା ବେଳେ କବିତା ଆସରକୁ ପ୍ରଭାସିନି ଭୋଇ ସଂଯୋଜନା କରିଥିଲେ। ସୁଦେଷ୍ଣା ମିଶ୍ର, ସାଲିନି ସା, ମିଳନ ପଣ୍ଡା, ପୁଷ୍ପାଞ୍ଜଳି ମେହେର, ଗୋପାଲ ଚନ୍ଦ୍ର ମେହେର ପ୍ରମୁଖ ସହଯୋଗ କରିଥିବାବେଳେ ନାଟ୍ୟକାର ଧର୍ମେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ସକାଳ THE SAKALA



www.sakalaepaper.com

# ବହୁଚର୍ଚ୍ଚିତ ନିୟମରାଜା ପର୍ବ ସମ୍ପନ୍ନ



**ଲାଞ୍ଜିଗଡ଼, ୨୫।୨(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଓ ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସୀମାନ୍ତରେ ଥିବା ଡଙ୍ଗରିଆ କନ୍ଧମାନଙ୍କ ଦ୍ୱାରା ନିୟମରାଜା ପର୍ବ ପାଳନ ହୋଇଯାଇଛି। ରାଜ୍ୟର ବହୁ ଚର୍ଚ୍ଚିତ ନିୟମରାଜାଙ୍କ ନିୟମଗିରି ପାହାଡ଼ ଶିଖରରେ ଥିବା ଅଁଲାଭଟାଠାରେ ଦୀର୍ଘ ବର୍ଷ ଧରି ପୂଜା କରି ଆସୁଛନ୍ତି ଡଙ୍ଗରିଆ କନ୍ଧ। ଜଳ, ଜମି, ଜଙ୍ଗଲ, ଭାଷା, ସଂସ୍କୃତି, ଜୀବନ ଜୀବିକା ଓ ପ୍ରାକୃତିକ ପରିବେଶ ସୁରକ୍ଷା ନିମନ୍ତେ ନିୟମ ରାଜାଙ୍କୁ ଆରାଧନା କରି ଆସୁଛନ୍ତି। ଏହି ଦୁଇ ଜିଲାର ଲୋକଙ୍କ ସହ ରାଜ୍ୟ ଓ ରାଜ୍ୟ ବାହାରୁ ବିଭିନ୍ନ ସଙ୍ଗଠନ, ସମାଜସେବୀ ଏହି ପର୍ବ ଦେଖିବା ପାଇଁ ପ୍ରବଳ ଭିଡ ଜମାଇଥାନ୍ତି। ଏହି ପର୍ବ ପ୍ରତିବର୍ଷ ମାଘ ମାସରେ ହୋଇଥାଏ। ନିୟମଗିରିରେ ବସବାସ କରୁଥିବା ଆଦିମ ଜନଜାତି ଡଙ୍ଗରିଆ କନ୍ଧମାନଙ୍କ ବିଭିନ୍ନ ପର୍ବ ମଧ୍ୟରୁ ଏହା ମୁଖ୍ୟ ପର୍ବ ବୋଲି ସମସ୍ତଙ୍କୁ ନିମନ୍ତ୍ରଣ କରିଥାନ୍ତି। ନିୟମଗିରି ଆମରଟା, ନେଇସେ କାହାର ବୁଆଟା ବୋଲି ଡଙ୍ଗରିଆମାନେ କହିଛନ୍ତି। କଳାହାଣ୍ଡି ଓ ରାୟଗଡ଼ ଜିଲାର ନିୟମଗିରି ସୁରକ୍ଷା ସମିତିର ସଭାପତି ମାନେ ଏହି ପର୍ବ ଗତ ୨୩ ରୁ ୨୫ ତାରିଖ ପର୍ଯ୍ୟନ୍ତ ଆଡ଼ମ୍ବରରେ ପାଳନ କରିଥାନ୍ତି। ନିୟମଗିରିବାସୀ ୨୩ ତାରିଖରେ ନିୟମରାଜାଙ୍କୁ ଆହ୍ୱାନ କରାଇ ରୀତିନୀତି ଅନୁଯାୟୀ ପୂଜା ଅର୍ଚ୍ଚନା କରି ଯାତ୍ରା ପଡ଼ିଆରେ ଛତ୍ର ସ୍ଥାପନ କରିଥିଲେ। ଡଙ୍ଗରିଆମାନେ ନିୟମଗିରି ପରବ ବା ନିୟମ ରାଜା ପରବ ବୋଲି ଡଙ୍ଗରିଆ ପିଲାଠୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ନାଚ ଗୀତର ଆସର ଜମାଇ ପୂଜା ଆଡ଼ମ୍ବରରେ କରିଥାନ୍ତି। ଏଥିରେ ରାୟଗଡ଼ା ଜିଲାର ନିୟମଗିରି ସୁରକ୍ଷା ସମିତିର ସଭାପତି ଲଦ ସିକକା, ଯୁବ ସଭାପତି ଶାମ୍ବ ହୁଇକା, ଡ୍ରିଞ୍ଜୁ ପୁସିକା, ଦୀ ସିକକା, କୃଷ୍ଣ ସିକକା, ଦୀ ପୁସିକାଙ୍କ ସହ ବହୁ ଡଙ୍ଗରିଆ ଯୁବକ ଯୁବତୀଙ୍କ ସହ କଳାହାଣ୍ଡି ଜିଲା ସୁରକ୍ଷା ସମିତିର ସଦସ୍ୟ, କର୍ମୀ, ସାଧାରଣ ଲୋକ ଉପସ୍ଥିତ ରହିଥିଲେ। ଆସିଥିବା ସମସ୍ତ ଲୋକଙ୍କ ପାଇଁ ନିୟମଗିରି ସୁରକ୍ଷା ସମିତି ପକ୍ଷରୁ ଖାଦ୍ୟର ବ୍ୟବସ୍ଥା କରାଯାଇଛି।

## ଧର୍ମଗଡ଼ରେ ଯାଦବ ସମାଜର ଶକ୍ତି ପ୍ରଦର୍ଶନ

# ଜାତି ସଂଗଠିତ ହେଲେ ସଂସ୍କୃତି ସୁଦୃଢ଼ ହେବ: ହଳଧର ନାଗ

**ଧର୍ମଗଡ଼, ୨୫।୨(ସମିସ)**




ଜାତି ସଂଗଠିତ ହେଲେ ସଂସ୍କୃତି ସୁଦୃଢ଼ ହେବ। ଦ୍ୱାପର ଯୁଗରୁ କୃଷ୍ଣଙ୍କ ବଂଶଧର ଯାଦବ ଜାତି ସଂସ୍କୃତି ପରମ୍ପରା ଅନନ୍ୟ ବୋଲି ରବିବାର ଧର୍ମଗଡ଼ଠାରେ ଯାଦବ ସମାଜର ବନ୍ଧୁମିଳନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ପଦ୍ମଶ୍ରୀ ହଳଧର ନାଗ ମତବ୍ୟକ୍ତ କରିଛନ୍ତି। ଧର୍ମଗଡ଼ ଯାଦବ ସଭାପତି ଅନିରୁଦ୍ଧ ଲହଜଲଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବ୍ଲକ ନିକଟରୁ ଏକ ବିଶାଳ ଶୋଭାଯାତ୍ରାରେ ଶ୍ରୀ ନାଗଙ୍କୁ ପଞ୍ଚାୟତ ପଡ଼ିଆକୁ ଅଣାଯାଇଥିଲା। ସୁଧିର ଗୋପାଳ ମଞ୍ଚ ପରିଚାଳନା ଓ ଯାଦବ ସମାଜର ପୂର୍ବତନ ଜିଲ୍ଲା ସଭାପତି ଡମ୍ବରୁ ଲହଜଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରବୀନ୍ଦ୍ର ଲାଲ ଯାଦବ, ହେମାଙ୍ଗିନୀ ହଂସ, ନଳିନୀ ରଂଜନ ରାଉତ, ଶିବ ହାତି, ଜହରଲାଲ ବାଗ, ଅରୂପାନନ୍ଦ ନାଗ, ଦ୍ୱାରିକାନାଥ ବାଗ, ସତ୍ୟନାରାୟଣ ବିଶି, ଯାଦବ ମହାସଭାର ଜିଲ୍ଲା ସଭାନେତ୍ରୀ ରଶ୍ମିରେଖା ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସମାଜର ସଂଗଠକ ଚନ୍ଦ୍ରଧ୍ୱଜ ଲହଜଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସରକାରୀ ଚାକିରୀରୁ ଅବସର ଗ୍ରହଣ କରିଥିବା ଯାଦବ ସମାଜର ୫୦ ଜଣ ବରିଷ୍ଠ ନାଗରିକଙ୍କୁ ସଭାପତି ଅନିରୁଦ୍ଧ ଲହଜଲ ଏବଂ ମୁଖ୍ୟଅତିଥି ପଦ୍ମଶ୍ରୀ ନାଗ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ପରିପ୍ରେକ୍ଷୀରେ ଯାଦବ ସମାଜ ପକ୍ଷରୁ ଗଠିତ ହୋଇଥିବା ନାରାୟଣ ସେନାର ଘୋଷଣା କରାଯାଇଥିଲା। ଶ୍ରୀକୃଷ୍ଣଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଏହି ସେନା ସମାଜସେବା ସହିତ ଅନ୍ୟାୟ ବିରୋଧରେ କାର୍ଯ୍ୟ କରିବ ବୋଲି ସଭାପତି ଶ୍ରୀ ଲହଜଲ ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନରେ ମହେନ୍ଦ୍ର ଖରସେଲ, ଟୁନା ଚଣ୍ଡୀ, ଅରକ୍ଷିତ ଭଇଁସାଲ, ନନ୍ଦ ବଛା, ମୋହନ ଗହୀର, ବିରଞ୍ଚି ଭଏଁସାଲ, ଧନୁ ଗୋପାଳ, ପ୍ରମୋଦ ହଂସ, ଗୁଣନିଧି ବାଗ ଓ ଧନିଷ୍ଠ ଲହଜଲ ପ୍ରମୁଖ ସହଯୋଗ କରିଥିଲେ।

# ଆଉ କ୍ଷତି ସହିବେ ନାହିଁ ମକା ଚାଷୀ

**ନୂଆପଡ଼ା, ୨୫।୨(ସମିସ):** ନୂଆପଡ଼ା ଜିଲ୍ଲାରେ ଦିନକୁ ଦିନ ମକା ଚାଷ ପ୍ରତି ଏଠିକାର ଚାଷୀଙ୍କ ଆଗ୍ରହ ବଢ଼ି ଚାଲିଥିବା ବେଳେ ବିଭିନ୍ନ ସମୟରେ ଅସାଧୁ ଦଲାଲ, ସାହୁକାରଙ୍କ ଦ୍ୱାରା ଶୋଷିତ ହେଉଛନ୍ତି। ବାରମ୍ବାର କ୍ଷତି ସହୁଥିବା ନୂଆପଡ଼ା ଜିଲ୍ଲାର ମକା ଚାଷୀଙ୍କ ପାଇଁ ଖୁସି ଖବର ଆସିଛି। ଏବେ ଆଉ ମକାର ଅଭାବି ବିକ୍ରୀ ହେବ ନାହିଁ। ସରକାରଙ୍କ ସର୍ବନିମ୍ନ ସହାୟକ ମୂଲ୍ୟରେ ମକା କିଣିବ ରାନୀମୁହାଁସ ମକା ପ୍ରଡ୍ୟୁସର ପ୍ରାଇଭେଟ କମ୍ପାନୀ। ଏ ସମ୍ପର୍କରେ ଏକ ଆଲୋଚନାଚକ୍ର ନୂଆପଡ଼ା ଜିଲ୍ଲା କୋମନା ମିଶନ ଶକ୍ତି ଭବନରେ ଆୟୋଜିତ ହୋଇ ଯାଇଛି। ବୈଠକରେ ମକା ଚାଷୀ, ରାନୀ ମୁହାଁସ ମକା ପ୍ରଡ୍ୟୁସର କମ୍ପାନୀର ବୋର୍ଡ ସଦସ୍ୟ ଡଲି କଟା, ସରପଞ୍ଚ କୋମନା ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ସରପଞ୍ଚ ଭେଲା ବିମଳ ଯୋଶୀ, ସରପଞ୍ଚ ରଜନା କ୍ଷୀରସିନ୍ଧୁ ଭୋଇ, ସରପଞ୍ଚ ମାନିଗୁଡା ଯୋଗେନ୍ଦ୍ର ବାଗ, ସରପଞ୍ଚ ତରବୋଡ ଶ୍ୟାମ ସୁନ୍ଦର ପୃଷ୍ଟି, ସରପଞ୍ଚ ପଏର ପୁଷ୍ପା ନାଗ, ଆଗ୍ରେନ ସରପଞ୍ଚ ନିଳାଦ୍ରୀ ଆଡବଙ୍ଗ ତଥା ଏକସେସ୍ ଅନୁଷ୍ଠାନର ସିନିୟର ମ୍ୟାନେଜର ଜିତେନ୍ଦ୍ର ମଲ୍ଲିକ, ମିଶନଶକ୍ତି ବିପିସି ଧନୀରାମ ଶବର, କୋମନା ସିଡିପିଓ ବିମଳିନୀ ପ୍ରଧାନ, ମୁଖ୍ୟମନ୍ତ୍ରୀ ମକା ମିଶନର ଜିଲ୍ଲା ସଂଯୋଜିକା ମଧୁମିତା ନାଗ ପ୍ରମୁଖ ଯୋଗଦାନ କରିଥିଲେ। ପ୍ରଥମତଃ କୋମନା ବ୍ଲକର ଆଗ୍ରେନ, ଭେଲା, ଦର୍ଲିପଡ଼ା, ଧୋର୍ଲାମୁଣ୍ଡା, ଜଡାମୁଣ୍ଡା, ଝଗ୍ରାହି, ମାନିଗୁଡା, ତରବୋଡ ଆଦି ୮ଟି ପଞ୍ଚାୟତରେ ଏ ପ୍ରଡ୍ୟୁସର କମ୍ପାନୀ କାମ କରି ଚାଷୀଙ୍କଠାରୁ ସରକାରୀ ଦରରେ ମକା କିଣିବ। ଯାହା ଦ୍ୱାରା ଚାଷୀ ଉପକୃତ ହେବେ। ବୈଠକରେ ଅନେକ ସ୍ୱୟଂ ସହାୟକ ଦଳର ମହିଳା ଯୋଗଦାନ କରିଥିଲେ।

# ସ୍ଥାୟୀ ଲୋକ ଅଦାଲତ ନେଇ ଆଇନ ସଚେତନତା ଶିବିର



**କେସିଙ୍ଗା, ୨୫।୨(ସମିସ):** ତାଲୁକ ଆଇନ ସେବା ସମିତି କେସିଙ୍ଗା ତରଫରୁ ସ୍ଥାନୀୟ ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ପରିସରରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ତଥା ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ଧନଞ୍ଜୟ ନାୟକ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କୁ ସ୍ଥାୟୀ ଲୋକ ଅଦାଲତର ସ୍ଥାପନା ଏବଂ କାର୍ଯ୍ୟପ୍ରଣାଳି ତଥା ଆଇନ ସେବା ପ୍ରାଧିକରଣ ଅଧିନିୟମ ୧୯୮୭ର ବିଭିନ୍ନ ଧାରା ଏବଂ ଉପକ୍ରମ ଉପରେ ଅବଗତ କରାଯାଇଥିଲା। ଏଥିରେ ସମ୍ମୁଖ କାର୍ଯ୍ୟାଳୟ ଆଇନ ପରାମର୍ଶଦାତା ସୌମ୍ୟରଞ୍ଜନ ମିଶ୍ର, ଆଇନଜୀବୀ ସୁଶାନ୍ତ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଅଦାଲତ କର୍ମଚାରୀ ଏବଂ ପାରାଲିଗାଲ ସ୍ୱେଚ୍ଛାସେବୀ ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନା କରିବାରେ ସହଯୋଗ କରିଥିଲେ।

# ବିଡିଓଙ୍କୁ ଘେରିଲେ ରାସନ କାର୍ଡଧାରୀ



**ମ.ରାମପୁର, ୨୫।୨(ସମିସ):** ରାଜ୍ୟ ସରକାର ପ୍ରତ୍ୟେକ ରାସନ୍ କାର୍ଡଧାରୀମାନଙ୍କୁ ୧୦୦୦ଟଙ୍କା ଦେବା ପାଇଁ ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ ରବିବାର ମ.ରାମପୁର ପଞ୍ଚାୟତର ଗୌଡ କରଲାଖୁଣ୍ଟା, ହରିଶ୍ଚନ୍ଦ୍ରପୁର, କାର୍ଲଖୁଣ୍ଟାର କାର୍ଡଧାରୀ ମାନେ ପଞ୍ଚାୟତକୁ ନିଜ ଟଙ୍କା ନେବାକୁ ଆସିଥିବା ବେଳେ ଟଙ୍କା ପାଇ ନ ଥିବା ଦେଖିବାକୁ ମିଳିଥିଲା। ଦାୟିତ୍ୱରେ ଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ ହେମାନନ୍ଦ ନାଏକ ଲିଙ୍କ୍ ନାହିଁ ସେଥିପାଇଁ ଟଙ୍କା ମିଳିପାରିବ ନାହିଁ ବୋଲି କହିଥିଲେ। ତେଣୁ ଖାଉଟିମାନେ ବିଡ଼ିଓ ସବ୍ୟସାଚୀ ବେହେରାଙ୍କ ବାସଭବନକୁ ଯାଇ ଏ ସମ୍ପର୍କରେ ଜଣାଇଥିଲେ। କିଛି ସମୟ ପାଇଁ ଘଟଣାସ୍ଥଳରେ ଏକ ପ୍ରକାର ଉତ୍ତେଜନା ପରିସ୍ଥିତି ଦେଖିବାକୁ ମିଳିଥିଲା। ପରେ ସମସ୍ତଙ୍କୁ ବୁଝାସୁଝା କରି ବିଡ଼ିଓ ପଠେଇ ଦେଇଥିଲେ। ଏ ନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ଶ୍ରୀ ନାଏକଙ୍କୁ ପଚାରିବାରେ ହିତାଧିକାରୀଙ୍କ ଫିଙ୍ଗର ପ୍ରିଣ୍ଟ, ଆଇ ସ୍କାନର କଲା ପରେ ଟଙ୍କା ଦେବାର ନିୟମ ଅଛି। ହେଲେ ଲିଙ୍କ ସମସ୍ୟା ରହୁଛି। ତେଣୁ ସେମାନେ ସେମାନଙ୍କ ଟଙ୍କା ପାଇନାହାନ୍ତି। ଲିଙ୍କ୍ ସମସ୍ୟା ଦୂର ହେଲେ ସମସ୍ତେ ଟଙ୍ଗା ପାଇବେ ବୋଲି ସେ କହିଥିଲେ।

# ମା' ପେଣ୍ଡ୍ରାଣୀ ଦେବୀଙ୍କ ନିଆରା ମାଘ ମଣ୍ଡେଇ ଯାତ୍ରା



● କଚେରୀରେ ଭକ୍ତଙ୍କ ଶୁଣାଣି

**ଲଡୁଗାଁ, ୨୫।୨(ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ମହିମା ପଞ୍ଚାୟତ ଡେଙ୍ଗାଗୁଡାଠାରେ ମା' ପେଣ୍ଡ୍ରାଣୀ ଦେବୀଙ୍କ ମାଘ ମଣ୍ଡେଇ ଯାତ୍ରା ୨ ଦିନ ଧରି ମହା ଆଡମ୍ବରରେ ପାଳନ ହୋଇଯାଇଛି। ଗ୍ରାମବାସୀଙ୍କ ବିଶ୍ୱାସ ରହିଛି ସୁଖରେ ଦୁଃଖରେ ଡାକ ଦେଲେ ସାହା ହୁଅନ୍ତି ମା' ପେଣ୍ଡ୍ରାଣୀ। ଏଣୁ ଦେବୀଙ୍କ ପ୍ରତି ରହିଛି ଅଗାଢ ବିଶ୍ୱାସ। ମାଘ ମାସର ପ୍ରଥମ ସପ୍ତାହରେ ଦେବୀଙ୍କ ମାଘ ମଣ୍ଡେଇ ଯାତ୍ରା ପାଳନ ହେଉଥିବା ବେଳେ ଚଳିତ ବର୍ଷ ଏହି ଯାତ୍ରାରେ ପ୍ରବଳ ଜନ ଗହଳି ଦେଖିବାକୁ ମିଳିଥିଲା। ଏହି ମଣ୍ଡେଇ ଯାତ୍ରାର ନିଆରା ପରମ୍ପରା ରହିଛି। ଏହି ଯାତ୍ରାରେ ପରିଶେଷରେ ଦେବାଦେବୀମାନେ ଭକ୍ତଙ୍କ ଗୁହାରି ଶୁଣାଣି କରିବାକୁ ଏକ କଚେରୀ ଅନୁଷ୍ଠିତ ହୋଇଥାଏ। ଯେଉଁଠି ଶହ ଶହ ଶ୍ରଦ୍ଧାଳୁ ଓ ମାନସିକଧାରୀ ଭକ୍ତ ମାନେ ଦେବାଦେବୀଙ୍କ ଶରଣାପନ୍ନ ହୋଇ ଆଶୀଷ ଭିକ୍ଷା କରିଥାନ୍ତି ଓ ମନସ୍କାମନା ପୂର୍ଣ୍ଣ ହେଲେ ମାନସିକ ଅର୍ପଣ କରିଥାନ୍ତି। ଲୋକଶ୍ରୁତିରୁ ବିଦିତ ଯେ ମା' ପେଣ୍ଡ୍ରାଣୀ ଦେବୀଙ୍କୁ ୧୯୭୧ ମସିହାରେ ଡେଙ୍ଗାଗୁଡା ଗ୍ରାମର ମାୟାଧର ନାଏକ ନବରଙ୍ଗପୁର ଜିଲ୍ଲା ଉମରକୋଟ ଅଞ୍ଚଳରୁ ଆଣି ଡେଙ୍ଗାଗୁଡା ଗ୍ରାମରେ ସ୍ଥାପନ କରିଥିଲେ ଓ ସେହିଦିନଠାରୁ ମା' ପୂଜା ପାଇ ଆସୁଛନ୍ତି। ଅଞ୍ଚଳବାସୀଙ୍କ ବିଶ୍ୱାସ ରହିଛି ଯେ ମାଘ ମଣ୍ଡେଇ ଯାତ୍ରା ଅନୁଷ୍ଠାନ କଲେ ଗ୍ରାମରୁ ରୋଗ, ଶୋକ, ବ୍ୟାଧିରୁ ଅଞ୍ଚଳବାସୀ ମୁକ୍ତ ହୁଅନ୍ତି। ଏପରିକି ଚାଷବାସ ଭଲ ହେବା ସହ ଗ୍ରାମବାସୀ ସୁଖରେ କାଳାତିପାତ କରନ୍ତି।

# ହାତୀରାମ ନାଏକ ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ; କର୍ଲାକୋଟ ଚାମ୍ପିଅନ

**କଲମପୁର, ୨୫।୨(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ମଣ୍ଡଳ ବିଆର୍ ଆମ୍ବେଦକର କ୍ଲବ ଆନୁକୂଲ୍ୟରେ ହାତୀରାମ ନାଏକ ମେମୋରିଆଲ ଷଷ୍ଠ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ



ରବିବାର ଉଦଯାପିତ ହୋଇଯାଇଛି। ଉଦଯାପନୀ ଦିବସରେ ଦ୍ୱିତୀୟ ସେମିଫାଇନାଲରେ ଭଲଟୁ ୧୧ ମଣ୍ଡଳ ୧-୦ ଗୋଲରେ ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଥିଲ। ଫାଇନାଲ ଖେଳ କରଲାକୋଟ ଏବଂ ଭଲଟୁ ୧୧ ମଣ୍ଡଳ ମଧ୍ୟରେ ଅନୁଷ୍ଠିତ ହେଇଥିଲା। କର୍ଲାକୋଟ ୧-୦ଗୋଲରେ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଉଦଯାପନୀ ଦିବସର ମୁଖ୍ୟଅତିଥି ଭାବରେ ଧର୍ମଗଡ଼ ନିର୍ବାଚନମଣ୍ଡଳୀ ସଭାପତି ମାନସ ବାଗ, ମୁଖ୍ୟବକ୍ତା କଲମପୁର ୧ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ଦୁହିତା ମାଝୀ, ସମ୍ମାନିତ ଅତିଥି ଭାବରେ ବ୍ଲକ ଉପାଧ୍ୟକ୍ଷ ଚିନ୍ତାମଣି ବେହେରା, ମଣ୍ଡଳ ପଞ୍ଚାୟତ ସରପଞ୍ଚ ତ୍ରୟମ୍ବକ ଭୋଇ, ସମାଜସେବୀ ପ୍ରଦୀପ କୁମାର ବେହେରା, ଅଜିତ ମୁଣ୍ଡ, ସାମ୍ବାଦିକ ଗଣେଶ ରାମ ବାଗ, ପ୍ରହଲ୍ଲାଦ ନିଆଁଳ, ସେନାପତି ନାଏକ, ଅମରେନ୍ଦ୍ର ମୁଣ୍ଡ, କୁଶଳ ଭୋଇ, ଉଦ୍ଧବ ନାଏକ, ସନ୍ତୋଷ ଭୋଇ, ଶ୍ରୀକର ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଖେଳକୁ ମଙ୍ଗ ବନ୍ଦୀଛୋଡ ପରିଚାଳନା ଓ ସାମ୍ବାଦିକ ଚକ୍ରଧର ନାଏକ ମଞ୍ଚ ପରିଚାଳନା କରିଥିଲେ। ଅତିଥିମାନଙ୍କ ଦ୍ୱାରା ଚମ୍ପିଆନ ଟ୍ରଫି ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟର ଆୟୋଜକ ବେଣୁଧର ନାଏକ, କୃଷ୍ଣ ମାଝୀ, ମଳୟ ଭୋଇ ଦାୟିତ୍ୱ ତୁଲାଇ ଥିବା ବେଳେ ତୁଳସୀ ରାମ ତୁରୁକ୍, ଜୟଶଙ୍କର ଦୂର୍ଗା, ରତ୍ନ ଭୋଇ, ଧରଣୀ ଭୋଇ, ଧନନ୍ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

# ୨୮ ରେ ଚାଷୀଙ୍କ ସମସ୍ୟା ନେଇ କୋକସରା ବ୍ଲକ୍ ଘେରଉ

**ଲଡୁଗାଁ, ୨୫।୨(ସମିସ):** ବିଭିନ୍ନ ଦାବି ନେଇ କଂଗ୍ରେସ ନେତୃତ୍ୱରେ ଚାଷୀମାନେ ଆସନ୍ତା ୨୮ ତାରିଖରେ କୋକସରା ବ୍ଲକ ଘେରଉ କରିବେ। କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ହେଉଛି ଏକ କୃଷି ବହୁଳ ଅଞ୍ଚଳ। ବ୍ଲକର ୨୨ ପଞ୍ଚାୟତରେ ପାଖାପାଖି ୭୦ ପ୍ରତିଶତ ଜନ ସାଧାରଣ ଚାଷ ଉପରେ ନିର୍ଭର କରି ପେଟପାଟଣା ଓ ପରିବାର ପ୍ରତିପୋଷଣ କରୁଛନ୍ତି। କୋକସରା କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ରହିଥିବା ବେହେରା ଡ୍ୟାମ, ମୋଡୋସିଲ ଚେକ୍ ଡ୍ୟାମ, ଅଠରନଲା ଚେକ ଡ୍ୟାମ, ଯତାଖଲିଆ ଚେକ ଡ୍ୟାମରେ କୋଟି କୋଟି ଟଙ୍କାର ଦୁର୍ନୀତି ସାଙ୍ଗକୁ ଚାଷୀଙ୍କୁ ଜଳସେଚନ ସୁବିଧାରୁ ବଞ୍ଚିତ କରାଯାଇଛି। ଇନ୍ଦ୍ରାବତୀ ମେଗାଲିଫ୍ଟ କେନାଲରୁ ୨୦୨୧ରୁ ଖରିଫ ଓ ରବି ଚାଷ ପାଇଁ ଜଳସେଚନ ସୁବିଧା ଯୋଗାଇ ଦିଆଯାଉଥିବା ବେଳେ ଦୀପ ତଳ ଅନ୍ଧାର ସଦୃଶ ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟି ଅଭାବରୁ କୋକସରା ବ୍ଲକର ଅନେକ ପଞ୍ଚାୟତର ହଜାର ହଜାର ହେକ୍ଟର ଚାଷଜମି ଜଳସେଚନ ସୁବିଧାରୁ ବଞ୍ଚିତ। ଏହା ବ୍ୟତୀତ ଧାନର ସର୍ବନିମ୍ନ ମୂଲ୍ୟ ୨୯୫୦ ଟଙ୍କା କରିବା, ମଧୁବାବୁ ପେନସନ ସୁବିଧା ଭଳି ଇନ୍ଦିରା ଗାନ୍ଧୀ ପେନସନ ହିତାଧିକାରୀଙ୍କୁ ହାତରେ ଦେବା, ବରାଡଙ୍ଗା କମଳ ନଦୀରେ ବ୍ୟାରେଜ ନିର୍ମାଣ, ମଣ୍ଡିରେ ସମ୍ପୂର୍ଣ୍ଣ କଟନିଛଟନି ବନ୍ଦ, ଚାଷୀଙ୍କ ପ୍ରତି ଟାଟା ପାୱାର କମ୍ପାନୀ ବିଦ୍ୟୁତ ଦେୟ ଅସୁଲିରେ ମନମାନି ଓ ଚାଷ କାର୍ଯ୍ୟରେ ବ୍ୟବହୃତ ଡିଜେଲ ପେଟ୍ରୋଲର ଅହେତୁକ ଦର ବୃଦ୍ଧି ଦାବି ନେଇ କୋକସରା ବ୍ଲକ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଜିଲ୍ଲା କଂଗ୍ରେସର ସାଧାରଣ ସମ୍ପାଦକ ରାଜେନ୍ଦ୍ର ନାଏକଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଏହି ବିକ୍ଷୋଭ ପ୍ରଦର୍ଶନରେ ସାମିଲ ହେବେ ବୋଲି ଜଣାପଡ଼ିଛି।

# ବିପ୍ପଣି ଗୃହ ଉଦ୍‌ଘାଟିତ



**ମ.ରାମପୁର, ୨୫।୨(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁରଠାରେ ନିର୍ମାଣ ହୋଇଥିବା ବିପ୍ପଣୀ ଗୃହର ଉପର ମହଲା ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ନରଲା ବିଧାୟକ ଭୂପିନ୍ଦର ସିଂହ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ସିଂହଦେଓ, ସରପଞ୍ଚ ବୀଣାପାଣି ସାହୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ହେମାନନ୍ଦ ନାଏକ, ବ୍ଲକ ବିଜୁ ଜନତା ଦଳ ସଭାପତି ଗୋବିନ୍ଦ ପ୍ରସାଦ ଶତପଥୀ, ଯୁବ ନେତା ବିକାଶ ରଞ୍ଜନ ସିଂହଦେଓ, ସତ୍ୟ ନାରାୟଣ ସାହୁଙ୍କ ସମେତ ପଞ୍ଚାୟତର ସମସ୍ତ ୱାଡମେମ୍ବର ଯୋଗ ଦେଇଥିଲେ।

# ଆଜି କେସିଙ୍ଗା ଆସିବେ ରାଜ୍ୟପାଳ

● ଅମୃତ ଷ୍ଟେସନ ଭୂମିପୂଜନରେ ହେବେ ସାମିଲ

**କେସିଙ୍ଗା, ୨୫।୨(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ରେଳଷ୍ଟେସନ ଅମୃତ ଷ୍ଟେସନ ଯୋଜନାରେ ସାମିଲ ହେବା ପରେ ସୋମବାର ତାହାର ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ରାଜ୍ୟପାଳ ରଘୁବର ଦାସ କେସିଙ୍ଗା ରେଳଷ୍ଟେସନରେ ଉପସ୍ଥିତ ରହିବେ। ଏହାଛଡ଼ା ସେ କେସିଙ୍ଗା ବ୍ଲକ ପାଷ୍ଟିକୁଡ଼ି ହସ୍ପିଟାଲର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବା ସହିତ ନାସିଗାଁରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଯୋଗଦେବେ। ପରେ ରାଜ୍ୟପାଳ ଭବାନୀପାଟଣା ଯିବାର କାର୍ଯ୍ୟକ୍ରମ ରହିଛି।

# ଦେଶୀ ଓ ବିଦେଶୀ ମଦ ଜବତ, ୪ ଗିରଫ



**କେସିଙ୍ଗା, ୨୫।୨(ସମିସ):** କେସିଙ୍ଗା ଅବକାରୀ ବିଭାଗ ଓ ଭବାନୀପାଟଣା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ଜାଗାରେ ଚଢାଉ କରି ପ୍ରାୟ ୭୦ ଲିଟର ଦେଶୀ ମଦ ସହିତ ପ୍ରାୟ ୪ ପେଟି ବିଦେଶୀ ମଦ ଜବତ କରିଛି। ଏହି ଚୋରା କାରବାରରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ବ୍ୟକ୍ତିମାନେ ହେଲେ ବାହାଦୁରପଦର ଗାଆଁର ସୌଦା ମାଝୀ (୨୬), ଗୁଞ୍ଜେରମାଲ ଗାଆଁର ନୀଳାମ୍ବର ହିଆଲ୍ (୩୨), ବୀରେନ୍ଦ୍ର ସିଂ ଓ ରାକେଶ କୁମାର। ଏହାସହିତ ସେମାନଙ୍କଠାରୁ ୩୧.୮୦୦ ଲିଟର ବିଅର ଓ ୧୬.୧୭୦ ଲିଟର ମଦ ସହିତ ଦୁଇଟି ନମ୍ବରବିହୀନ ମଟର ସାଇକଲ ଜବତ ହୋଇଛି। ଏହି ଚଢାଉରେ ଅବକାରୀ ଇନ୍ସପେକ୍ଟର ଉଦୟଲାଲ ନାଏକ, ବିଶ୍ୱଜିତ୍ ଆରୁଖ, ମମତା ସେଠୀ, କୀର୍ତ୍ତି ଜେନା, ପ୍ରଦ୍ୟୁମ୍ନ ନାଏକ ସାମିଲ ହୋଇଥିଲେ। ଗତ ଦୁଇଦିନ ତଳେ କେସିଙ୍ଗା ପୁଲିସ ପ୍ରାୟ ୧୬୦୦ ଲିଟର ବିଦେଶୀ ମଦ ସହ ଏକ ୬୦୯ ଗାଡ଼ି ଜବତ କରି ଜଣଙ୍କୁ କୋର୍ଟ ଚାଲାଣ କରିଥିଲା।

## ବୁଢ଼ୀମା'ଙ୍କ ସାହାରା ହୋଇଛନ୍ତି ମହିଳା ସରପଞ୍ଚ

# ୯୯ ନୂତନ ହିତାଧିକାରୀଙ୍କୁ ମିଳିଲା ଭତ୍ତା

**ନୂଆପଡ଼ା, ୨୫।୨(ସମିସ)**



ରାଜ୍ୟର ଛତିଶଗଡ଼ ସୀମାନ୍ତବର୍ତ୍ତୀ ହେଉଛି ନୂଆପଡ଼ା ଜିଲ୍ଲାର ଭାଲେଶ୍ୱର ଗ୍ରାମ ପଞ୍ଚାୟତ। ଏହି ଗାଁଠାରୁ ମାତ୍ର ୧କିମି ଦୂରକୁ ଗଲେ ଛତିଶଗଡ଼ ରାଜ୍ୟ। ବିଭିନ୍ନ ସମୟରେ ଏହି ପଞ୍ଚାୟତବାସୀ ସରକାରୀ ଯୋଜନା ଗୁଡିକରୁ ବଞ୍ଚିତ ରହୁଥିଲେ। ଗତ ପଞ୍ଚାୟତିରାଜ ନିର୍ବାଚନରେ ସରୋଜ ଦେବୀ ଅଗ୍ରୱାଲ ସରପଞ୍ଚ ହୋଇଥିଲେ। ସେ ସମସ୍ତ ସରକାରୀ ଯୋଜନା ଏବଂ କାର୍ଯ୍ୟକ୍ରମକୁ ସୁନିଶ୍ଚିତ କରୁଥିବା ବେଳେ ଲୋକଙ୍କ ସୁଖଦୁଃଖରେ ଜଡିତ ହୋଇ ରହୁଛନ୍ତି। ଏହି ପଞ୍ଚାୟତରେ ବହୁ ଯୋଗ୍ୟ ହିତାଧିକାରୀ ସାମାଜିକ ସୁରକ୍ଷା ଯୋଜନା ଭଳି ବିଭିନ୍ନ ଯୋଜନାରୁ ଭତ୍ତା ପାଇବାରୁ ବଞ୍ଚିତ ହୋଇ ରହୁଥିଲେ। ସରୋଜ ଦେବୀ କାର୍ଯ୍ୟରେ ଯୋଗ ଦେବା ସମୟରେ ପଞ୍ଚାୟତରେ ମାତ୍ର ୩୧୫ଜଣ ହିତାଧିକାରୀ ଭତ୍ତା ପାଉଥିଲେ। ବହୁ ଗରିବ ଗୁରୁବା ବୟସାଧିକ୍ୟ ହୋଇଥିଲେ ମଧ୍ୟ ବାରମ୍ବାର ପଞ୍ଚାୟତକୁ ଦୌଡି ଦୌଡି ନୟାନ୍ତ ହେବାପରେ ଅସହାୟ ହୋଇ ପଡ଼ି ରହିଥିଲେ। ସରୋଜଦେବୀଙ୍କ ଦୃଷ୍ଟିକୁ ଆସିବାପରେ ଯୋଗ୍ୟ ହିତାଧିକାରୀମାନଙ୍କୁ ସରକାରୀ କାର୍ଯ୍ୟାଳୟକୁ ନିଜ ଖର୍ଚ୍ଚରେ ଗାଡି ସାହାଯ୍ୟରେ ନେଇ ଭୋଟର ପରିଚୟପତ୍ର ସହ ଆଧାର କାର୍ଡ ସଂଶୋଧନ କରିଥିଲେ। ପ୍ରତିମାସରେ ପ୍ରତି ପଡ଼ାକୁ ଯାଇ ପଡ଼ାରେ ପଞ୍ଚାୟତ କାର୍ଯ୍ୟକ୍ରମ କରି ସମସ୍ତଙ୍କ ତଥ୍ୟ ଗୋଟି ଗୋଟି କରି ସଂଗ୍ରହ କରିଥିଲେ। ବର୍ତ୍ତମାନ ତାଙ୍କ ପଞ୍ଚାୟତରେ ବ୍ଲକର ସର୍ବାଧିକ ୯୯ ଜଣଙ୍କ ଭତ୍ତା ମଞ୍ଜୁରୀ ହୋଇଛି। ସାମାଜିକ ସୁରକ୍ଷା ଯୋଜନାରୁ ଅନୁମୋଦନ ହୋଇ ଆସିବା ପରେ ଶନିବାର ଏବଂ ରବିବାର ଦୁଇ ଦିନ ଧରି ପଞ୍ଚାୟତରେ ନୂତନ ହିତାଧିକାରୀମାନଙ୍କୁ ବଣ୍ଟନ କରିଛନ୍ତି। ଫଳରେ ହିତାଧିକାରୀମାନେ ଖୁସି ପ୍ରକଟ କରିଛନ୍ତି। ଏଭଳି ତାଙ୍କର ପରିଶ୍ରମ ଉପରେ ସରକାର ମୋହର ମାରିଥିବାରୁ ସେ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହାକୁ ମିଶାଇ ବର୍ତ୍ତମାନ ପଞ୍ଚାୟତରେ ମୋଟ ୬୮୦ଜଣଙ୍କୁ ଭତ୍ତା ମିଳିବା ସମ୍ଭବ ହୋଇଛି। ସୂଚନାଯୋଗ୍ୟ ଯେ ନୂଆପଡ଼ା ବ୍ଲକରେ ମୋଟ ୨୯ଗୋଟି ଗ୍ରାମପଞ୍ଚାୟତରେ ୪୨୫ଜଣଙ୍କର ଭତ୍ତା ମଞ୍ଜୁରୀ ହୋଇ ଆସିଥିବା ବେଳେ ଭାଲେଶ୍ୱର ପଞ୍ଚାୟତର ସର୍ବାଧିକ ମଞ୍ଜୁରୀ ହୋଇଛି। ଏହା ତଳକୁ ଭାନପୁର ପଞ୍ଚାୟତର ୩୫ଜଣ, ବେଲଟୁକୁରୀ ପଞ୍ଚାୟତର ୨୫ଜଣଙ୍କ ନାମ ରହିଛି। ଫଳରେ ଗ୍ରାମବାସୀ ଗରିବ ମା' ମାନଙ୍କ ପାଇଁ ସରପଞ୍ଚ ମସିହା ବୋଲି କୁହାଯାଉଛି।

# ମସ୍କାପଦର ମା' ଛାଞ୍ଚେଣ ରୂପେନ୍‌ଙ୍କ ଝାମୁଯାତ୍ରା ସମ୍ପନ୍ନ



**ଲାଞ୍ଜିଗଡ଼, ୨୫।୨(ସମିସ):** ଲାଞ୍ଜିଗଡ଼ ବ୍ଲକ ମସ୍କାପଦର ଠାରେ ଗ୍ରାମ ଅଧିଷ୍ଠାତ୍ରୀ ଦେବୀ ମା' ଛାଞ୍ଚେଣ ରୂପେନଙ୍କ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପରମ୍ପରା ଅନୁଯାୟୀ ପୂଜକମାନେ ମାଘ ମାସ ସପ୍ତମୀ ଦିନ ସାତ ଗୋଟି ନୂଆ ଟାଙ୍ଗୁଡ଼ିରେ ନଦୀରୁ ବାଲି ଆଣି ବିଭିନ୍ନ ପ୍ରକାର ଶସ୍ୟ ଧାନ, ମକା, ବିରି, କୋଳଥ ଇତ୍ୟାଦି ବିହନ ପକାଇଥିଲେ। ଝାମେରା କଣ୍ଟାରେ ଦୋଳି ତିଆରି କରିଥିଲେ। ଗଜା ହୋଇଥିବା ବିହନ ଓ କଣ୍ଟାଦୋଳିକୁ ନବମୀ ପର୍ଯ୍ୟନ୍ତ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଦିନ ମା' ଛାଞ୍ଚେନ ରୂପେଣ କଞ୍ଚା ମାଠିଆରେ ବସି ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ମାଘ ମାସ ପୂର୍ଣ୍ଣିମା ଦିନ ମାଆଙ୍କ ଝାମୁଯାତ୍ରା ସମ୍ପନ୍ନ ହୋଇଥିଲା। ସେହିଦିନ ଗ୍ରାମର ଜଣେ ବ୍ୟକ୍ତିଙ୍କ ଦେହରେ ଦେବୀଙ୍କ ଆବିର୍ଭାବ ହୋଇଥିଲା। ଏହାପରେ ଦେବୀଙ୍କ କାଳେସୀ ମୁଖ୍ୟ ପୀଠସ୍ଥଳୀ ଛାଞ୍ଚେଣ ରୂପେନ୍ ପାହାଡ଼କୁ ଯିବା ସହ ସେଠାରୁ ଏକ ଶୋଭାଯାତ୍ରାରେ ଗ୍ରାମରେ ଥିବା ବାଲି ଘରକୁ ଫେରିଥିଲେ। ପ୍ରଥମେ ଗାଁର ଗୌନ୍ତିଆ ରାଜଣା ମାଝୀ ଘରକୁ ଯାଇ ପାଦ ପୂଜା ପରେ ସେଠାରୁ ଝାମୁଯାତ୍ରା ପଡ଼ିଆକୁ ଫେରିଥିଲେ। ଫେରିବା ପରେ କଣ୍ଟା ଦୋଳିରେ ବସି ଭକ୍ତମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଏହାପରେ ନିଆଁରେ ଦେବୀଙ୍କ କାଳିସୀ ଚାଲିବା ସହ ଶକ୍ତିର ପରିଚୟ ଦେଇଥିଲେ। ଏଥିରେ ଛାଞ୍ଚେଣ ରୂପେନ୍‌ଙ୍କ ମୁଖ୍ୟ ପୂଜକ ଖଞ୍ଜା ଲୋହରା, ରାଶି ଲୋହରା, କୁନୁ ଲୋହରା, ଶଙ୍କର ମାଝୀ ଓ ବାହୁକ ହରିଶଙ୍କର ପ୍ରଧାନୀ ସମେତ ମସ୍କା ପଦର ଛାଞ୍ଚେନ ରୂପେନ୍ ଯୁବକ ସଂଘ ସଭାପତି ଧାନ ମାଝୀ, ସମ୍ପାଦକ ରାଜେନ୍ଦ୍ର ନାଏକ, ଉପ ସଭାପତି ସୁଶାନ୍ତ ହରିଜନ, ସହ ସମ୍ପାଦକ ଜଗନ୍ନାଥ ପ୍ରଧାନୀ, ସମାଜସେବୀ ସତ୍ୟନାରାୟଣ ନାଏକ, ଭୈରବ କୁମାର ବହିଦାର, ସୁନାଧର ବାଗ, କେଶବ ମାଝୀ, ଗୌରାଙ୍ଗ ମାଝୀ, ଆଜିତ କୁମାର ହରିଜନ, ଭରତ ମାଝୀ, ପର୍ଶୁ ହରିଜନ, ନବୀନ ମାଝୀ, ମାଧବ ମାଝୀ ଓ ସମସ୍ତ କମିଟି ସଦସ୍ୟ ସମେତ ଗ୍ରାମବାସୀ ଦାୟିତ୍ୱ ତୁଲାଇ ଥିଲେ। ଏହି କାର୍ଯ୍ୟକ୍ରମରେ ଗାଁ ମହାଜନ ପ୍ରଦୀପ ବହିଦାର ସହିତ ତାଙ୍କର ସପରିବାର ମା'ଙ୍କର ଯାତ୍ରାରେ ଉପସ୍ଥିତ ଥିଲେ।

# ସ୍ମୃତି ହୋଇଗଲା ଭୀମଭୋଇ କଳା ମଣ୍ଡପ

**ସୋନପୁର, ୨୫।୨ (ସମିସ):** ଭୀମଭୋଇ କଳା ମଣ୍ଡପ ସୋନପୁର ସାଂସ୍କୃତିକ ଇତିହାସର ପ୍ରାଣକେନ୍ଦ୍ର ଥିଲା। ଏଠାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ବେଳେ ହଜାର ହଜାର ଦର୍ଶକ ବିଳମ୍ବିତ ରାତି ଯାଏଁ ଉପଭୋଗ କରୁଥିଲେ। ଏହି ମଣ୍ଡପ ହଜାର ହଜାର ସାଂସ୍କୃତିକ ଉତ୍ସବର ଇତିହାସ ବହନ କରଛି। ଏବେ ସେସବୁ କେବଳ ସ୍ମୃତି ହୋଇ ରହିଗଲା। ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଭୀମଭୋଇ କଳା ମଣ୍ଡପ ଭଙ୍ଗା ଯାଉଛି। ସୋନପୁର ସହରର ଠିକ୍ ମଧ୍ୟ ଭାଗରେ ଭୀମଭୋଇ ମଣ୍ଡପ ଥିଲା। କେତେ କଳାକାରଙ୍କୁ ଏହି ମଣ୍ଡପ ତିଆରି କରିଛି ତାର ହିସାବ ନାହିଁ। ପଣ୍ଡିତ ରଘୁନାଥ ପାଣିଗ୍ରାହୀ, ପ୍ରଫୁଲ୍ଲ କର, ଫକୀର ପଟ୍ଟନାୟକ, ଶାନ୍ତନୁ ମହାପାତ୍ର, ବିଭୂତି ପଟ୍ଟନାୟକ, ଜିତେନ୍ଦ୍ର ହରିପାଲ ଆଦି ବିଶିଷ୍ଟ କଳାକାର ଏଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ମଣ୍ଡପ ସୋନପୁରର ପୂର୍ବତନ ବିଧାୟକ କୁନ୍ଦୁରୁ କୁଶଳଙ୍କ ମାନସପୁତ୍ର ସଦୃଶ ଥିଲା। ବହୁ ସ୍ମୃତି ଏବଂ ଅନୁଭୂତି ବହନ କରି ଏବେ ସମାଧିସ୍ଥ ହୋଇଗଲା ଭୀମଭୋଇ କଳା ମଣ୍ଡପ। ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଏହା ଭଙ୍ଗା ଯାଇଥିବାରୁ ମନରେ କୋହ ଥିଲେ ମଧ୍ୟ ସଂସ୍କୃତିପ୍ରେମୀମାନେ ବାଧ୍ୟ ହୋଇ ସମର୍ଥନ କରିଛନ୍ତି।




# ଭାଙ୍ଗିଲା ମାଟି ଘର; ଅସହାୟ କୁମାରୀ

**କୋକସରା, ୨୫।୨(ସମିସ)**

ଆବାସ ଯୋଜନାରେ ପକ୍କାଘର ଘର ଖଣ୍ଡେ ପାଇଁ ବାରମ୍ବାର ଆବେଦନ ଓ ପ୍ରଶାସନ ପାଖରେ ଗୁହାରି କରି ନିରାଶ ହୋଇଥିବା କୁମାରୀ ପୁଝାରୀ ପଲିଥିନ ଘୋଡା ଦଦରା କୁଡିଆ ଏବେ ଭାଙ୍ଗି ଯାଇଛି। ଫଳରେ ଦୁଃଖରେ ଭାଙ୍ଗିପଡ଼ିଛନ୍ତି ଏହି ୫୫ ବର୍ଷୀୟା ଅସହାୟା କୁମାରୀ। କୋକସରା ବ୍ଲକ ମୋଟେର ଗ୍ରାମର କୁମାରୀ ଦୀର୍ଘ ବର୍ଷରୁ ଏକ ଦଦରା ମାଟି କୁଡିଆରେ ରହି ଆସୁଥିଲେ। ଶନିବାର ବିଳମ୍ବିତ ରାତିରେ ଶୋଇଥିବା ସମୟରେ ତାଙ୍କର ମାଟି କୁଡିଆ ଭୁଶୁଡି



ପଡ଼ିଥିଲା। ତେବେ ସେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ମହିଳା ଜଣଙ୍କ ଦୀର୍ଘ ୭ବର୍ଷ ହେବ ଏକାକୀ ଏହି ମାଟି କୁଡ଼ିଆରେ ରହି ଆସୁଥିଲେ। ଏନେଇ ଆବାସ ଗୃହ ପାଇଁ ବିଭିନ୍ନ ସମୟରେ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଜଣାଇ ଆସୁଥିଲେ। ହେଲେ କାହାରି ଦୃଷ୍ଟି ପଡ଼ି ନାହିଁ। ରାଜସ୍ୱ ନିରୀକ୍ଷକ ପ୍ରଦାନ କରିଥିବା ଖଣ୍ଡେ ତାରପୋଲିନ ଘୋଡାଇ ବର୍ଷା ରତୁରୁ ସେହି ଘରେ ରହି ଆସୁଥିଲେ। ଏବେ ଘର ଭୁଶୁଡି ପଡ଼ିବାରୁ ସେ ବେଘର ହୋଇଛନ୍ତି। ତେଣୁ ଆବାସ ଯୋଜନାରେ ଘର ଖଣ୍ଡେ ଯୋଗାଇ ଦେବା ପାଇଁ କୁମାରୀ ପ୍ରଶାସନକୁ ଗୁହାରି କରିଛନ୍ତି।

# ଗୋଛାକଟା ଓ ପତ୍ର ତୋଳା ସମ୍ପର୍କିତ ବୈଠକ

**ସଇଁତଲା, ୨୫।୨(ସମିସ):** ସଇଁତଲା ବନଖଣ୍ଡ ଅଧୀନ ସଇଁନ୍ତଲା ରେଞ୍ଜ ଅଧୀନସ୍ଥ ସଇଁନ୍ତଲା ସେକସନ୍‌ରେ ଆଜି ସଇଁତଲା ଫରେଷ୍ଟର ସନୋଜ ନାଏକଙ୍କ ତତ୍ତ୍ୱାବଧାନରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଫରେଷ୍ଟର ସନୋଜ ନାଏକ, ସର୍କଲ ଚେକର ଅଶୋକ ଷଡ଼ଙ୍ଗୀ, ସନ୍ତୋଷ ଦାସ ମଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଫରେଷ୍ଟର ସନୋଜ ନାଏକ କିପରି ଚଳିତବର୍ଷ ଭଲ



ଭାବରେ ଗୋଛାକଟା, ପତ୍ର ତୋଳା, ଡିଏସ୍ କାର୍ଯ୍ୟସହିତ ତୋଳାଳି ମାନେ ସମ୍ପୂର୍ଣ୍ଣ ସରକାରୀ ସୁବିଧା ସୁଯୋଗ ପାଇ ପାରିବେ ସେ ବିଷୟରେ ମୁନସୀ, ଚପରାସୀ ଓ ଚେକରମାନଙ୍କୁ ବୁଝାଇ ଥିଲେ। ଏହି କାର୍ଯ୍ୟକ୍ରମରେ ଚେକର ନନ୍ଦଲାଲ ଷାଣ୍ଢ, ଡୁଲେଶ୍ୱର ଭୋଇ, ଶ୍ରୀପତି ବରଗଡ଼, ଷାଣ୍ଢ, ପ୍ରଶାନ୍ତ କୁମାର ମେହେର, ଟିକେଶ୍ୱର ଭୋଇ, ଟଙ୍କଧର ରଣା, ଜଗତରାମ ସାହୁ, ମହେନ୍ଦ୍ର ରଣା, ଦଳ ଗୋବିନ୍ଦ ରଣା, ହରି ସାହୁ, ହଳଧର ପୋଢ଼, ଗୋପୀନାଥ ପୁଟେଲ, ହେମନ୍ତ ସାହୁ, ସୁରେନ୍ଦ୍ର ପୋଢ, ଲଳିତ ଭୋଇ, ହନୁଭୋଇ ଓ ସମସ୍ତ ମୁନସୀ ଚପରାସୀ ଉପସ୍ଥିତ ଥିଲେ। ପ୍ରଶାନ୍ତ କୁମାର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ଆଞ୍ଚଳିକ କାମନା ଦଣ୍ଡ ସାଂସ୍କୃତିକ ପରିଷଦର ଦ୍ୱାଦଶତମ ମହୋତ୍ସବ

**ମ.ରାମପୁର, ୨୫।୨(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ବସ୍‌ଷ୍ଟାଣ୍ଡଠାରେ ଆଜି ଆଞ୍ଚଳିକ କାମନା ଦଣ୍ଡ ସାଂସ୍କୃତିକ ପରିଷଦର ଦ୍ୱାଦଶତମ ମହୋତ୍ସବ ପାଳନ ହୋଇଯାଇଛି। ପ୍ରାରମ୍ଭରେ ମା' କାଳୀଙ୍କ ପୂଜାର୍ଚ୍ଚନା ଓ ହୋମଯଜ୍ଞ ପରେ ଏକ ବିରାଟ ସାଂସ୍କୃତିକ ମଶାଲ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ପୂଜକ ବିଷ୍ଣୁ ମହାପାତ୍ର ଏବଂ ପୂଜା କର୍ତ୍ତା ଭାବରେ ସୁରେନ୍ଦ୍ର ଦଣ୍ଡସେନା ଓ ତାଙ୍କ ପତ୍ନୀ ଶୋଭାଗିନୀ ଦଣ୍ଡସେନା ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ପୂଜା ଓ ମଶାଲ ଦାୟିତ୍ୱ ମୁଖ୍ୟ ବିନୋଦ ମହାଖୁଡଙ୍କ ଦ୍ୱାରା ପ୍ରାରମ୍ଭିକ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏହି ସାଂସ୍କୃତିକ ସଭାରେ ସଭାପତି ରୁଦ୍ର ପ୍ରତାପ ସିଂହଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ନର୍ଲା ବିଧାୟକ ଭୂପିନ୍ଦର ସିଂ, ମୁଖ୍ୟବକ୍ତା ଡ. କାହ୍ନୁ ଚରଣ ଶତପଥୀ, ସମ୍ମାନିତ ଅତିଥି ପଦ୍ମଲୋଚନ ମିଶ୍ର ଯୋଗ ଦେଇଥିଲେ। ଅତିଥି ପରିଚୟ ଓ ସଭା ପରିଚାଳନା ସତ୍ୟ ନାରାୟଣ ସାହୁ କରିଥିବା ବେଳେ ସମ୍ପାଦକ ପ୍ରକାଶ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ହେମନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସର



ରେ ଜୀବନବ୍ୟାପୀ କାମନା ଦଣ୍ଡ ପାଇଁ ସମର୍ପିତ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମାନପତ୍ର ପ୍ରଶାନ୍ତ ସାମନ୍ତରା, ପରମାନନ୍ଦ ବିଶି, ଦ୍ରୋଣାଚାର୍ଯ୍ୟ ମାଝୀ, କୃଷ୍ଣ ଚନ୍ଦ୍ର ସାହୁ, ବିଭୁତି ଭୂଷଣ ମହାଖୁଡ଼ ପାଠ କରିଥିଲେ। ଏହି ଉତ୍ସବରେ ନିକଟ ଗାଆଁର ସମସ୍ତ ଦଣ୍ଡ ଦଳ ଯୋଗ ଦେଇଛନ୍ତି। କାର୍ଯ୍ୟକ୍ରମ ପରିଚାଳନାରେ ମହାଖୁଡ, ସତ୍ୟ ନାରାୟଣ ସାହୁ, ଦ୍ରୋଣାଚାର୍ଯ୍ୟ ମାଝୀ, ଶିବ ରାମ ସାହୁ, ଶିବ ପ୍ରସାଦ ଶତପଥୀ, ଲଳିତ କୁମାର ସ୍ୱାଇଁ, ଲଳିତ ମହାଳିକ, ଉଦ୍ଧବ ପଣ୍ଡା, ବିଜୟ ମହାଖୁଡ, ବନମାଳୀ ଦଣ୍ଡସେନା, ବସନ୍ତ ମହାଖୁଡ ସହଯୋଗ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ ସଭା, ସମ୍ବର୍ଦ୍ଧନା ସଭା ପରେ ବିଭିନ୍ନ ପୀଠର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

**ଡୁଙ୍ଗୁରିପାଲି,୨୫।୨(ସମିସ):** ରାମପୁର ଥାନା ଅନ୍ତର୍ଗତ ଚନ୍ଦଲି ବୁଲାଣୀ ରାସ୍ତାରେ ବାଇକ ବାଇକ୍ ଦୁର୍ଘଟଣାରେ ଚନାବେଡ଼ା ଗ୍ରାମର ସାରଥୀ ଭୋଇଙ୍କ ପୁଅ ଭୋଇ (୨୧)ଙ୍କ ମୃତ୍ୟୁ ଘଟିଛି। କୌଣସି କାମରେ ଏକ ବାଇକ ଯୋଗେ ଯାଉଥିବା ବେଳେ ବୁଲାଣୀ ରାସ୍ତାରେ ବାଇକଟି ଭାରସାମ୍ୟ ହରାଇଥିଲା। ସ୍ଥାନୀୟ ଲୋକଙ୍କ ସହଯୋଗରେ ୧୦୮ ଆମ୍ବୁଲାନ୍ସ ଯୋଗେ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ଦେଖିଲା ପରେ ମୃତ ଘୋଷଣା କରିଥିବା ସୂଚନା ମିଳିଛି। ଏନେଇ ରାମପୁର ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

# ଲକ୍ଷ୍ମୀପ୍ରସାଦ ଗାଁରୁ ବୃଦ୍ଧା ନିଖୋଜ

**ବୌଦ୍ଧ, ୨୫।୨(ସମିସ):** ବୌଦ୍ଧ ଥାନା ଅନ୍ତର୍ଗତ ଲକ୍ଷ୍ମୀପ୍ରସାଦ ଗ୍ରାମର ଖିର ମିର୍ଦ୍ଧା (୬୮) ଗତ ୮



ତାରିଖରୁ କେଉଁଆଡେ ଚାଲିଯାଇଥିବା ନେଇ ପରିବାର ପକ୍ଷରୁ ବୌଦ୍ଧ ଥାନାରେ ଅଭିଯୋଗ କରାଯାଇଛି। ଅପରାହ୍ଣ ପ୍ରାୟ ୧ଟା ସମୟରେ ଘରୁ କେଉଁଆଡେ ଚାଲିଯାଇଛନ୍ତି। ଏନେଇ ପରିବାରଲୋକ ବିଭିନ୍ନ ସ୍ଥାନକୁ ଯାଇ ଖୋଜାଖୋଜି କରୁଛନ୍ତି ଏବଂ ବନ୍ଧୁ ବାନ୍ଧବଙ୍କୁ ମଧ୍ୟ ପଚରା କରିଥିଲେ ମଧ୍ୟ କିଛି ଖୋଜଖବର ନ ମିଳିବାରୁ ବାଧ୍ୟହୋଇ ବୌଦ୍ଧ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବୌଦ୍ଧ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ପଞ୍ଚାୟତସ୍ତରୀୟ ସଚେତନତା ଶିବିର

**ଡୁଙ୍ଗୁରିପାଲି, ୨୫।୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସହଲା ଗ୍ରାମପଞ୍ଚାୟତ ସ୍କୁଲ ପଡ଼ିଆଠାରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଗ୍ରାମାଞ୍ଚଳ ଭିତ୍ତିଭୂମି ବିକାଶ ସମ୍ପର୍କିତ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ହେମଲତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ବ୍ଲକ ଉପାଧ୍ୟକ୍ଷ ମକର୍ଦ୍ଦଜ ସାହୁ, ଅଶୋକ ନନ୍ଦ, ଜିଲ୍ଲା ପରିଷଦ ସଭ୍ୟା ମଞ୍ଜୁଶ୍ରୀ ମାଝୀ, ବିଡିଓ ରୋହିତ ଭୋଇ, ଅତିରିକ୍ତ ବିଡିଓ ଆନନ୍ଦଚନ୍ଦ୍ର ମିଶ୍ର, ସମିତିସଭ୍ୟ ପୂର୍ଣ୍ଣଚନ୍ଦ୍ର ମେହେର ଏବଂ ପିଇଓ ଜ୍ୟୋତିରଞ୍ଜନ ସା ଯୋଗ ଦେଇଥିଲେ।

### ବାବା ଖଣ୍ଡୁଆଳ ନକ୍ ଆଉଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ନୂଆଗାଁକୁ ହରାଇ ଜେକେ ଇଲେଭେନ୍ ଚାମ୍ପିଅନ

**ଥୁଆମୂଳ ରାମପୁର, ୨୫।୨(ସମିସ)**

କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ସଦର ମହକୁମାର ବାବା ଖଣ୍ଡୁଆଳ ପଡ଼ିଆରେ ୧୭ ତାରିଖରୁ ଆରମ୍ଭ ହୋଇଥିବା ବାବା ଖଣ୍ଡୁଆଳ ନକ୍ ଆଉଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ତଥା ଉଦଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରତିନିଧି ମାଣିକ୍ୟ ଚନ୍ଦ୍ର ନାଏକ ଏବଂ ସମ୍ମାନିତ ଅତିଥି ଭାବେ ଥୁଆମୂଳ ରାମପୁର ପଞ୍ଚାୟତ ବିଜେଡି ସଭାପତି ମୁକୁନ୍ଦ ଧଙ୍ଗଡାମାଝୀ, ସବୀର ଧଙ୍ଗଡାମାଝୀ, ରାଧେକୃଷ୍ଣ ଧଙ୍ଗଡାମାଝୀ, ଦିଲୀପ ଧଙ୍ଗଡାମାଝୀ, ଅନିରୁଦ୍ଧ ପୁଝାରୀ ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ ଗୋଟି ଟିମ୍ ଅଂଶଗ୍ରହଣ କରିଥିଲେ। ଏଥିରେ ଥୁଆମୂଳ ରାମପୁର ସଦର ମହକୁମାର ଜଗନ୍ନାଥ କଲୋନୀର ଜେକେ ଇଲେଭେନ୍ ଚାମ୍ପିଅନ ହୋଇଛି। ରବିବାର ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚରେ ଜେକେ ୧୧ ଏବଂ ରାୟଗଡ଼ା ଜିଲ୍ଲା



କାଶୀପୁର ବ୍ଲକ ଟିକିରି ନୂଆଗାଁ ମଧ୍ୟରେ ହୋଇଥିଲା। ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ଜେକେ ୧୧ ଟିମ୍ ୧୫ ଓଭରରେ ୭ ୱିକେଟ ହରାଇ ୧୫୮ ରନ୍ ସଂଗ୍ରହ କରିଥିଲା। ୧୫୯ ରନ୍ ର ବିଜୟ ଲକ୍ଷ୍ୟ ନେଇ ମଇଦାନକୁ ଓହ୍ଲାଇ ଥିବା ପ୍ରତିପକ୍ଷ ନୂଆଗାଁ ଟିମ୍ ନିର୍ଦ୍ଧାରିତ ୧୫ ଓଭର୍ ମଧ୍ୟରେ ୯ ୱିକେଟ ହରାଇ ୧୧୩ ରନ୍ ମାତ୍ର ସଂଗ୍ରହ କରିପାରିଥିଲା। ଚାମ୍ପିଅନ ଦଳକୁ ଟ୍ରଫି ସହିତ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଉପ ବିଜେତା ଟିମ୍‌କୁ ଟ୍ରଫି ଏବଂ ୧୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ଫାଇନାଲ୍ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ଅଜୟ ଏବଂ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ନୂଆଗାଁ ଟିମ୍ ର ଟୁକୁନାଙ୍କୁ ପୁରସ୍କୃତ କରାଯାଇଛି। ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଅମ୍ପାୟର୍ ଭାବେ ଦେବାନନ୍ଦ ସାଗରଙ୍କୁ ସମ୍ମାନିତ କରାଯାଇଛି। ସ୍ଥାନୀୟ ତାଳବନ୍ଧ ପଡ଼ାର ନବ ଜୀବନ ଯୁବ ଅନୁଷ୍ଠାନର ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଅନୁଷ୍ଠାନର ସକ୍ରିୟ ସଦସ୍ୟ ବିକାଶ ଧଙ୍ଗଡାମାଝୀ, ବବଲୁ ଧଙ୍ଗଡାମାଝୀ, ସୂର୍ଯ୍ୟା ନାଏକ, ପୁରୁଷୋତ୍ତମ ବାଗ ଏବଂ ହୀତେଶ ନାଏକ ପ୍ରମୁଖ ସହଯୋଗ କରିଥିଲେ।

# କର୍କଟ ରୋଗ ଯାଞ୍ଚ ଶିବିର

**ଧର୍ମଗଡ଼, ୨୫।୨(ସମିସ):** ଧର୍ମଗଡ଼ ତିଲୋତ୍ତମା କ୍ଲିନିକ ଓ ଫାର୍ମା ଏବଂ ବାଲକୋ ମେଡିକାଲ ସେଣ୍ଟର ନୂଆ ରାୟପୁରର ମିଳିତ ଆନୁକୂଲ୍ୟରେ ତିଲୋତ୍ତମା କ୍ଲିନିକଠାରେ ମାଗଣା କର୍କଟ ଯାଞ୍ଚ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବାଲକୋ ମେଡିକାଲ ସେଣ୍ଟରରୁ ଆସିଥିବା ରେଡିଏସନ ଅଙ୍କୋଲୋଜିଷ୍ଟ ଡାକ୍ତର ଆର୍ ଶ୍ରେୟସ ଏବଂ ତିଲୋତ୍ତମା କ୍ଲିନିକର ଡାକ୍ତର ଅମ୍ରିତା ମେହେର ଶିବିରରେ କର୍କଟ ରୋଗର ନିରୂପଣ କରିଥିଲେ। ବାଲକୋ ମେଡିକାଲ ସେଣ୍ଟର ର କ୍ୟାନସର ନେଭିଗେସନ (ଓଡ଼ିଶା)



ବିଭାଗ ପରିଚାଳକ ସତ୍ୟ ପ୍ରକାଶ ଆଚାର୍ଯ୍ୟ, କାର୍ଯ୍ୟକାରୀ ପ୍ରତିନିଧି ରାମେଶ୍ୱର ତ୍ରିପାଠୀ, ତିଲୋତ୍ତମା କ୍ଲିନିକ ଓ ଫାର୍ମାର କର୍ମଚାରୀ ଏବଂ ବାଲକୋ ମେଡିକାଲ ସେଣ୍ଟରର କର୍ମଚାରୀ ଉପସ୍ଥିତ ରହି ଶିବିରକୁ ସଫଳ କରିଥିଲେ। ଏହି ଶିବିରରେ ମୋଟ ୩୦ ଜଣ ରୋଗୀ ନିଜର ପରୀକ୍ଷଣ କରିଥିବାବେଳେ ୫ ଜଣଙ୍କର କର୍କଟ ରୋଗ ଚିହ୍ନଟ ହୋଇଛି ଏବଂ ଜଣଙ୍କର ପ୍ୟାପ୍ ଟେଷ୍ଟ କରାଯାଇଛି।

# ଭୀମଭୋଇ ସେବା ସଦନର ବାର୍ଷିକୋତ୍ସବ

**ତରଭା, ୨୫।୨(ସମିସ):** 'ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କିବା ସହୁ ମୋଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ'। ଏ ହେଉଛି ସନ୍ଥକବି ଭୀମଭୋଇଙ୍କ ଉଦାର ମାନବବାଦୀ ଚିନ୍ତାଧାରା; ଯାହାକି ବିଶ୍ୱର ପ୍ରତ୍ୟେକ ପ୍ରାନ୍ତର ଜନତାଙ୍କ ହୃଦୟକୁ ସ୍ପର୍ଶ କରିଛି ବୋଲି କୁମ୍ଭାରପଡା ଭୀମଭୋଇ ସେବାସଦନର ଦ୍ୱିତୀୟ ବାର୍ଷିକୋତ୍ସବରେ ମୁଖ୍ୟଅତିଥି ଭାବେ ସୋନପୁର ବିଧାୟକ ତଥା ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ପୂଜାରୀ କୁମ୍ଭରପଡାରେ ୪୦ଲକ୍ଷ ଟଙ୍କା




ବ୍ୟୟରେ ନିର୍ମାଣ ହେବାକୁ ଥିବା କଲ୍ୟାଣ ମଣ୍ଡପର ଶିଳାନ୍ୟାସ କରିଥିଲେ। ସଂସଦର ସଭାପତି ଭକ୍ତ ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବ୍ଲକ ଅଧ୍ୟକ୍ଷ ସରୋଜ କମ୍ପ, ତରଭା ଏନଏସି ଅଧ୍ୟକ୍ଷା ବନ୍ଦିତା ନାଏକ, ଉପନଗରପାଳ ଗଗନ ଅଗ୍ରୱାଲ, ଜିଲ୍ଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ଶତୃଘ୍ନ ପୃଷ୍ଟି ଯୋଗ ଦେଇଥିଲେ। କୋଶଳ ସାହିତ୍ୟ ଏକାଡେମୀର ରାଜ୍ୟ ସଭାପତି ଦେବେନ୍ଦ୍ର ନାଏକଙ୍କୁ ସଂସଦ ଦ୍ୱାରା "କୋଶଳ ଗୌରବ" ସମ୍ମାନ ଓ ହିରଣ୍ମୟ ପଟ୍ଟନାୟକ ତଥା ସଂଗ୍ରାମ ମିଶ୍ରଙ୍କୁ ନାଟକ ନିର୍ଦ୍ଦେଶନା ପାଇଁ ସମ୍ମାନିତ କରାଯାଇଥିଲା। ହିରଣ୍ମୟ ପଟ୍ଟନାୟକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଦେବେନ୍ଦ୍ର ନାୟକ ପରିଚାଳନା କରିଥିବା ବେଳେ ବିହାରୀ ରଣା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ଓ ନୃତ୍ୟ , ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷଣ ହୋଇଥିଲା। ଭୀମଭୋଇ ସେବା ସଂସଦ ସଭ୍ୟମାନେ ହିରଣ୍ମୟ ପଟ୍ଟନାୟକଙ୍କ ଦ୍ୱାରା ନିର୍ଦ୍ଦେଶିତ ନାଟକ 'କାହାର ଲାଗି କରୋନା ତ କାହାର ଲାଗି କରୁଣା' ନାଟକ ମଞ୍ଚସ୍ଥ କରିଥିଲେ ଏଥିରେ ବିଭିନ୍ନ ଭୂମିକାରେ ଗୋପାଳ, ଦେବାଶିଷ, ତ୍ରିନାଥ, ପ୍ରଶାନ୍ତ ତଥା ଶିଶୁ କଳାକାର ଆୟୁଷ ଅଭିନୟ କରିଥିଲେ। ମାନ ସାହୁ, ମହେଶ ଅଚାରୀ, ସର୍ଦ୍ଦାର ନାଏକ, କୈଳାଶ ରଣାଙ୍କ ସହ ସଂସଦର ଅନ୍ୟାନ୍ୟ ସଭ୍ୟମାନେ ସହଯୋଗ କରିଥିଲେ।




# ମାଟୁପାଲି ଶ୍ରୀଗୋପାଳଜୀ ମନ୍ଦିର ପ୍ରାଣପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା



**ଉଲୁଣ୍ଡା, ୨୫।୨(ସମିସ):** ଉଲୁଣ୍ଡା ବ୍ଲକ ମାଟୁପାଲିଠାରେ ଗୋପାଳଜୀ ମନ୍ଦିର ପ୍ରାଣପ୍ରତିଷ୍ଠା ପାଇଁ ଅପରାହ୍ଣ ୩ଟା ସମୟରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଗ୍ରାମର ଶତାଧିକ ମହିଳା ମାଟୁପାଲିରୁ ୧୨୧ଟି ଶୁଭ କଳସ ଏବଂ ନଡିଆ ଧରି ପ୍ରାୟ ୩ କିମି ଦୂରରେ ଥିବା ମହାନଦୀ ଅମାଡଘାଟକୁ ଯାଇଥିଲେ । ପୂଜାର୍ଚ୍ଚନା କରି କଳସରେ ପାଣି ଭର୍ତ୍ତିକରି ଆଣି ଭାଗବତ ସାପ୍ତାହ ମଣ୍ଡପରେ ସ୍ଥାପନା କରିଛନ୍ତି । ରବିବାର ଦିନଠାରୁ ଶ୍ରୀଗୋପାଳଜୀ ମନ୍ଦିରର ଶୁଭ ପ୍ରାଣପ୍ରତିଷ୍ଠା କାର୍ଯ୍ୟକ୍ରମ ଆରମ୍ଭ ହୋଇ ମାର୍ଚ୍ଚ ୪ ତାରିଖ ଗର୍ଭଗୃହରେ ଠାକୁରଙ୍କୁ ସ୍ଥାପନ କରାଯିବ । ଶୋଭାଯାତ୍ରାରେ ପଣ୍ଡିତ ଆଶୁତାଷ ପୁରୋହିତ ପୂଜାର୍ଚ୍ଚନା କରିଥିବା ବେଳେ ଜ୍ଞାନରଞ୍ଜନ ବ୍ରହ୍ମଚାରୀ ଏବଂ ତାଙ୍କ ଧର୍ମପତ୍ନୀ ରେବତୀ ବ୍ରହ୍ମଚାରୀ, ମନମୋହନ ମିଶ୍ର, ଧର୍ମପତ୍ନୀ ମିନାକ୍ଷୀ ମିଶ୍ର, ଧ୍ରୁବଚରଣ ବ୍ରହ୍ମଚାରୀ ତାଙ୍କ ଧର୍ମପତ୍ନୀ କୁନ୍ତିଳତା ବ୍ରହ୍ମଚାରୀ କର୍ତ୍ତା ଥିଲେ । କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

# ମନ୍ତ୍ରୀଙ୍କୁ କେନ୍ଦୁପତ୍ର କର୍ମଚାରୀଙ୍କ ଦାବିପତ୍ର

**ହରଭଙ୍ଗା, ୨୫।୨(ସମିସ):** ଜିଲ୍ଲାସ୍ତରୀୟ କେନ୍ଦୁପତ୍ର ବିଭାଗ ଜନକଲ୍ୟାଣ ସଚେତନତା କାର୍ଯ୍ୟକ୍ରମରେ ବିଭାଗର ସାମୂହିକ କର୍ମଚାରୀ ହରଭଙ୍ଗା ବ୍ଲକ ବାମଣ୍ଡା, ଚାରାଉତ୍ପାଦନ କେନ୍ଦ୍ରଠାରେ ହୋଇଥିବା ଜନକଲ୍ୟାଣ ସଚେତନତା କାର୍ଯ୍ୟକ୍ରମରେ ଓଡିଶା ସରକାରଙ୍କ ଜଙ୍ଗଲ ବିଭାଗ ମନ୍ତ୍ରୀ ପ୍ରଦୀପ ଅମାତଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ବିଭାଗର ଚେକର, ମୁନସୀମାନଙ୍କ ପରି ସେକ୍ସନ ୱାଚର ମାନଙ୍କ କାର୍ଯ୍ୟକାଳ ଏବଂ ମାସିକ ପ୍ରାପ୍ୟ ବୃଦ୍ଧି ନେଇ ଦାବି କରାଯାଇଛି । ଦାବିପତ୍ର ପ୍ରଦାନ ସମୟରେ ବୌଦ୍ଧ ବନଖଣ୍ଡ ସେକ୍ସନ ୱାଚର ମାୟାଧର ମଲିକ, ଏକାଦଶୀ କର୍ଣ୍ଣ, ସୀମାଞ୍ଚଳ ସିଂହ, ରୁଷି ଖଣ୍ଡଗିରି, ଈଶ୍ୱର ଖେତୀ, ସରୋଜ ସାହୁ, ବିଭୀଷଣ ସାହୁ, ଅଶୋକ ସାହୁ, ସତ୍ୟନାରାୟଣ ରାୟ, ପଞ୍ଚାନନ ବାଘ ପ୍ରମୁଖ ଉପସ୍ଥିତ ଥିଲେ ।

# ଭୀମଭୋଇଙ୍କ ସମାଧୀପୀଠରେ ମାଘପୂର୍ଣ୍ଣିମା ନୀତି

**ସୋନପୁର, ୨୫।୨ (ସମିସ)**

ମହିମା ଧର୍ମାବଲମ୍ବୀଙ୍କ ପବିତ୍ର ସ୍ଥାନ ସନ୍ଥକବି ଭୀମଭୋଇଙ୍କ ସାଧନା ଓ ସମାଧୀ ପୀଠ ମହିମା ଖଲିଆପାଲିଠାରେ ମହାସମାରୋହରେ ମାଘପୂର୍ଣ୍ଣିମା ରୀତି ସମାପନ ହୋଇଛି । ବର୍ଷର ମାତ୍ର ଦୁଇ ଦିନ ମାଘ ଚତୁର୍ଦ୍ଦଶୀ ଏବଂ ପୂର୍ଣ୍ଣିମାରେ କେବଳ ମୁଖ୍ୟ ମନ୍ଦିର ଖୋଲା ଯାଉଥିବାରୁ ଖଲିଆପାଲିଠାରେ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିଲା ।

ମହିମା ସାଧୁସନ୍ଥ ତଥା ସାଧାରଣ ଲୋକେ ସାରାରାତି ଧାଡିରେ ଛିଡା ହୋଇ ସମାଧୀସ୍ଥଳ ଦର୍ଶନ କରିଥିଲେ । ମହିମା ଭଜନ ଜଣାଣ ସହ ଖଞ୍ଜଣି ବାଦ୍ୟରେ



ପ୍ରକମ୍ପିତ ହେଉଥିଲା ମଠ ପରିସର । ମଠର ମୁଖ୍ୟ ମହନ୍ତ ସନ୍ୟାସୀ ବାବାଙ୍କ ସହ ଅନ୍ୟ ସହଯୋଗୀ ସାଧୁ ସନ୍ଥଙ୍କ ଦ୍ୱାରା ପୂର୍ଣ୍ଣିମୀ ରୀତି ଅନୁଷ୍ଠିତ ହୋଇଥିଲା । ପବିତ୍ର ମାଘ ପୂର୍ଣ୍ଣିମା ଅବସରରେ ବ୍ରହ୍ମମୁହୂର୍ତ୍ତରେ ୨୧ ଶାନ୍ତି ପଣା ଓ ଭୋଗ ଅର୍ପଣ ହୋଇଛି । ସାରା ଦିନ ଆଶ୍ରମ ପରିସରରେ ମାଘ ପୂର୍ଣ୍ଣିମାର ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଛି । ମୁଖ୍ୟ ସମାଧି ମନ୍ଦିର, ନୀତି ମନ୍ଦିର ଏବଂ ମଠ ପରିସରରେ ଥିବା ଅନ୍ୟାନ୍ୟ ସମାଧି ମନ୍ଦିରକୁ ଦୁଗ୍ଧରେ ସ୍ନାନ କରାଇ ନୂଆ ବସ୍ତ୍ର ଲାଗି କରାଯାଇଛି । ମଠର ମୁଖ୍ୟ ମହନ୍ତ ସନ୍ୟାସୀ ବାବାଙ୍କ ସହ ବାବା ସିଦ୍ଧେଶ୍ୱର ଦାସ, ନାଜର ଦାସ, ପୂର୍ଣ୍ଣଚନ୍ଦ୍ର ଦାସ, ଲିଙ୍ଗରାଜ ଦାସ, ଗରିବ ଦାସ, ଯୋଗେନ୍ଦ୍ର ଦାସ ପ୍ରମୁଖ ମହିମା ସନ୍ଥମାନେ ସହଯୋଗ କରିଥିଲେ । ସମାଧି ପୀଠ ଟ୍ରଷ୍ଟର ତତ୍ତ୍ୱାବଧାରକ ଛତ୍ରଧାରୀ ଅଗ୍ରୱାଲ, ସମ୍ପାଦକ ଜନ୍ମେଞ୍ଜୟ ସ୍ୱାଇଁ, ମହାଦେବ ବଗର୍ତ୍ତୀ, ରଘୁନାଥ ଅଗ୍ରୱାଲ, ସୁମନ୍ତ ପୁଟେଲ, ବିଭୂତି ଭୂଷଣ ନେଗୀଙ୍କ ତତ୍ତ୍ୱାବଧାନରେ ନୀତିକାନ୍ତି ସମ୍ପନ୍ନ ହୋଇଥିଲା ।

## ବୌଦ୍ଧ ଏନ୍‌ଏସିକୁ ମୁନସିପାଲିଟି ମାନ୍ୟତା

# ନାଗରିକ କମିଟିର ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା




**ବୌଦ୍ଧ, ୨୫।୨(ସମିସ):** ବୌଦ୍ଧ ଏନଏସିକୁ ରାଜ୍ୟ ସରକାର ମୁନସିପାଲିଟି ମାନ୍ୟତା ପ୍ରଦାନ କରିଥିବାରୁ ବୌଦ୍ଧ ନାଗରିକ କମିଟି ତରଫରୁ ସ୍ଥାନୀୟ ମାଉସୀ ମା' ମନ୍ଦିର ପରିସରରେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ସଭା ଅନୁଷ୍ଠିତ ହୋଇଯାଇଛି । ନାଗରିକ କମିଟି ସମ୍ପାଦକ ବିଶ୍ୱେଶ୍ୱର ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ଶିକ୍ଷାଧିକାରୀ ରାଜେନ୍ଦ୍ର ମିଶ୍ର ଏବଂ ପୂର୍ବତନ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ପୁରୋହିତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବୌଦ୍ଧ ଏନଏସିବାସୀଙ୍କ ଦୀର୍ଘ ଦିନର ଦାବି ପୂରଣ ହୋଇଥିବାରୁ ଏହି ସଭାରେ ନାଗରିକ କମିଟି ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ଅଧ୍ୟକ୍ଷ ଭି କେ ପାଣ୍ଡିଆନଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା । ନାଗରିକ କମିଟି ସଦସ୍ୟ ଯୁଗଳ କିଶୋର ସାମଲ, ରଘୁନାଥ ଷଡ଼ଙ୍ଗୀ, ଶୁଭେନ୍ଦୁ ପଟ୍ଟନାୟକ, ସତ୍ୟନାରାୟଣ ପାଣି, ସୁଶାନ୍ତ ପ୍ରସାଦ ମିଶ୍ର, ପ୍ରଶାନ୍ତ ମହାପାତ୍ର ପ୍ରମୁଖ ନାଗରିକ କମିଟିର ବିଭିନ୍ନ ଅତୀତ କାର୍ଯ୍ୟପନ୍ଥା ସ୍ମରଣ କରିଥିଲେ । ସହରର ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଏବଂ ବୁଦ୍ଧିଜୀବୀ ଯୋଗ ଦେଇଥିବା ବେଳେ ଅନୁଷ୍ଠାନ ତରଫରୁ ଦୁର୍ଯ୍ୟୋଧନ ବିଶି ସ୍ୱାଗତ ଭାଷଣ ଦେଇଥିଲେ । ପ୍ରଦୋଷ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ରକ୍ତଦାନ ଶିବିର: ୫୨ ୟୁନିଟ୍ ସଂଗ୍ରହ

**ଶଗଡ଼ା, ୨୫।୨(ସମିସ):** କଣ୍ଟାମାଳ ବ୍ଲକ ମନମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟରେ ବୌଦ୍ଧ ଜିଲ୍ଲା ୱେବ୍ ମିଡିଆ ଏସୋସିଏସନ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ଭାବରେ କଣ୍ଟାମାଳ ବ୍ଲକ ଅଧ୍ୟକ୍ଷା ସସ୍ମିତା ସେନାପତି, ସରପଞ୍ଚ ଟଙ୍କୁ ବେହେରା, ଯୁବ ସମାଜସେବୀ ଆଶିଷ ସାହୁ, ସୋନପୁର ପୂର୍ବତନ ନଗରପାଳ ପ୍ରକାଶ ସାହୁ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସୁଧୀର ମହାକୁଡ, ସମାଜସେବୀ ଯଦୁ ବିହାରୀ ବାଘ ପ୍ରମୁଖ ଯୋଗ ଦେଇଥିଲେ । ଶିବିରରେ ସମୁଦାୟ ୫୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ବୁର୍ଲା ରକ୍ତଭଣ୍ଡାରର ଡାକ୍ତର, ଟେକନିସିଏନ ସହ ଅନ୍ୟାନ୍ୟ କର୍ମଚାରୀ ଶିବିରକୁ ପରିଚାଳନା କରିଥିଲେ । ଆୟୋଜକ ସଂଘ ସଭାପତି ଅକ୍ରୁର ବେହେରା, ସମ୍ପାଦକ ପ୍ରଶାନ୍ତ ପ୍ରଧାନ, ଆଶିଷ ବିହାରୀ ଠାକୁର, ଅବୁ ବକ୍କର ଖାଁ, ସିଦ୍ଧେଶ୍ୱର ଗିରିଙ୍କ ସହ ସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।




# ଶିକ୍ଷୟିତ୍ରୀ ବେଲମତୀ ମେହେରଙ୍କ ପରଲୋକ

**ଶଗଡା,୨୫।୨(ସମିସ):** କଣ୍ଟାମାଳ ବ୍ଲକ୍ ଶିମିଳିପଦର ପଞ୍ଚାୟତ ଅନ୍ତର୍ଗତ ଗବଯୋର ଗ୍ରାମର ଶିକ୍ଷୟିତ୍ରୀ ବେଲମତି ମେହେରଙ୍କ ପରଲୋକ ହୋଇଯାଇଛି । କିଛି ଦିନ ହେବ ସେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ । ଶନିବାର ସକାଳ ୬ଘଣ୍ଟା ସମୟରେ ତାଙ୍କର ପରଲୋକ ହୋଇଯାଇଛି । ତାଙ୍କ ଶେଷକୃତ୍ୟ ନିଜ ପୈତୃକ ଗ୍ରାମର ଗବଯୋର ତେଲନଦୀ ଶ୍ମଶାନ ଘାଟରେ ସମ୍ପନ୍ନ ହୋଇଥିଲା । ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ବାପା ମାଆ, ଦୁଇ ଭାଇ ବିଶିକେଶନ ମେହେର ଓ ବିବେକାନନ୍ଦ ମେହେର, ଦୁଇ ଭାଉଜ ଓ ଭଉଣୀ ଉପସ୍ଥିତ ଥିଲେ । ସେ ଜଣେ ମେଳାପି ଓ ଭଲ ଶିକ୍ଷୟିତ୍ରୀ ଥିଲେ । ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।



# ଆଜି ଲୋକାର୍ପିତହେବ ଜିଲ୍ଲା ଡାକ୍ତରଖାନା

**ସୋନପୁର, ୨୫।୨ (ସମିସ):** ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଉ ଏକ ସଫଳତାର ଫର୍ଦ୍ଦ ଯୋଡ଼ି ହେବ । ନୂତନ ଭାବେ ନିର୍ମାଣ ହୋଇଥିବା ଜିଲ୍ଲା ଡାକ୍ତରଖାନା ଆଜି ଉଦଘାଟିତ ହେବ । ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଭାସି ମାଧ୍ୟମରେ ଏହା ଲୋକାର୍ପିତ ହେବାର କାର୍ଯ୍ୟକ୍ରମ ରହିଛି । ରୟାଲ ପଡିଆ ଠାରେ ଅପରାହ୍ନ ୪ଟାରେ ଉଦଘାଟନୀ ସମାରୋହ ଆୟୋଜିତ ହେବ । ସ୍ୱାସ୍ଥ୍ୟ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଉଦଘାଟନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ମନୋରମ ଢଙ୍ଗରେ ସଜେଇ ହେଲାଣି ସୁବର୍ଣ୍ଣପୁର ଜିଲ୍ଲା ଡାକ୍ତରଖାନାର ନୂତନ କୋଠା । ୩୦୦ ଶଯ୍ୟା ବିଶିଷ୍ଟ ଏହି ଡାକ୍ତରଖାନାରେ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଉପଲବ୍ଧ ହେବ । ସିଟି ସ୍କାନ, ନୂଆ ଏମର୍ଜେନ୍ସି ୟୁନିଟ, ଡାଏଲେସିସ, ଡିଆଇସି, ଏନଆରସି, ସେଣ୍ଟ୍ରାଲ ଲାବ, ସେଣ୍ଟ୍ରାଲ ଡାଇଗ୍ନୋଷ୍ଟିକ୍ ୟୁନିଟ, ସ୍ୱତନ୍ତ୍ର ଇନଫେକସନ୍ ୟୁନିଟ ଆଦି ରହିଛି । ରୋଗୀଙ୍କ ସଂପର୍କୀୟଙ୍କ ପାଇଁ ୬୦ ଶଯ୍ୟା ବିଶ୍ରାମାଗାର ମଧ୍ୟ ନିର୍ମାଣ ହୋଇଛି ।

# ବିଭିନ୍ନ ପ୍ରକଳ୍ପର ଭୂମିପୂଜନ କାର୍ଯ୍ୟକ୍ରମ



**କଣ୍ଟାମାଳ, ୨୫।୨(ସମିସ):** କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ ଅନ୍ତର୍ଗତ କୁମେଲବନ୍ଧ ଆଦିବାସୀ ଖେଳପଡିଆର ଉନ୍ନତିକରଣ କାର୍ଯ୍ୟ ପାଇଁ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବୌଦ୍ଧ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଭଗବାନ କହଁର ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ତୁର୍କା ପ୍ରଗଣା ସଭାପତି ସାମନ୍ତ ମାଝୀ, ବିଲବିଟ ପ୍ରଗଣା ସଭାପତି ବିବସ୍ବ କହଁର, ଉପସଭାପତି ସର୍ବେଶ୍ୱର ସାହୁ, ମିଟୁ ମଲିକ, ଗୋବିନ୍ଦ ମଲିକ ଉପସ୍ଥିତ ଥିଲେ । ସେହିପରି ନାରାୟଣପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ରିଙ୍ଗାପଡା ସାପ୍ତାହିକ ହାଟପଦାର ଭିତ୍ତିଭୂମିର ବିକାଶ ନିମନ୍ତେ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶ୍ରୀ କହଁରଙ୍କ ଦ୍ୱାରା ଭୂମିପୂଜନ ଅନୁଷ୍ଠିତ ହୋଇଥିଲା । ଆଦିବାସୀ ନେତା ଘନଶ୍ୟାମ ବୁଡ଼ାଏକ, ନାରାୟଣପ୍ରସାଦ ପଞ୍ଚାୟତ ସରପଞ୍ଚ ପ୍ରତିନିଧି ସତ୍ୟନାରାୟଣ ମାଝୀ ଏବଂ ଅଞ୍ଚଳବାସୀ ଉପସ୍ଥିତ ଥିଲେ ।

## ■ ପୁରୁଣାକଟକକୁ ଏନ୍‌ଏସି ମାନ୍ୟତା ନୋହିଲା

# ପ୍ରତିବାଦରେ ୧୨ ଘଣ୍ଟିଆ ବନ୍ଦ

**ହରଭଙ୍ଗା, ୨୫।୨(ସମିସ):** ବୌଦ୍ଧ ଜିଲ୍ଲା ପୁରୁଣାକଟକ ଏନ୍‌ଏସି ମାନ୍ୟତା ପାଇବାରୁ ବାଦ୍ ପଡ଼ିଥିବା ପ୍ରତିବାଦରେ ରବିବାର କ୍ରିୟାନୁଷ୍ଠାନିକ କମିଟିର ଆବାହକ ସୁକାନ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା । ଏନଏସି କ୍ରିୟାନୁଷ୍ଠାନ କମିଟି, ଆଞ୍ଚଳିକ ବିକାଶ ପରିଷଦ, ବରିଷ୍ଠ ନାଗରିକ କମିଟି, ବଣିକ ସଂଘ, ବୁଦ୍ଧିଜୀବୀ, ବିଭିନ୍ନ ଅନୁଷ୍ଠାନ ଏଥିରେ ସାମିଲ ହୋଇଥିଲେ । ଏନେଇ ପୂର୍ବରୁ ଏକ ଦାବିପତ୍ର ଦିଆଯାଇଥିଲା । ପୁରୁଣାକଟକ ବାଦ ପଡିଥିବାରୁ ରବିବାର ବିଭିନ୍ନ ଅନୁଷ୍ଠାନ ପୁରୁଣାକଟକକୁ ବନ୍ଦ କରିଥିଲେ ।

ଏହି ବନ୍ଦ ପାଳନରେ ବିଜୟ କହଁର, ଭୈରବୀ କ୍ଲବର ସଭାପତି ଅକ୍ରୁର ସେଠୀ, ବିଭୂଦତ୍ତ ବୋଷ, ବାଳକୃଷ୍ଣ ନାୟକ, ଭଗବାନ ସାହୁ, ଅମୁଲ୍ୟ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ । ଦୋକାନ ବଜାର ବନ୍ଦ ସହ ଯାତାୟାତ ବାଧାପ୍ରାପ୍ତ ରହିଥିଲା ।

# ପୁନାରେ ପ୍ରବାସୀ ଓଡ଼ିଆଙ୍କ ପୁଷ୍‌ପୁନି ଭେଟ୍‌ଘାଟ

**ମନମୁଣ୍ଡା, ୨୫।୨(ସମିସ):** ମହାରାଷ୍ଟ୍ର ପୁନା ସହରରେ ବସବାସ କରୁଥିବା ପ୍ରବାସୀ ଓଡ଼ିଆମାନଙ୍କ ପଞ୍ଜିକୃତ 'ଭେଟଘାଟ କଲ୍ଚରାଲ ଏସୋସିଏସନ୍' (ବିସିଏ) ତରଫରୁ ସଭାପତି ହେମସାଗର ସାହୁଙ୍କ ଅଧ୍ୟକ୍ଷତାରେ ଆଜି ପୁନାର ଜୁନିଅର ଷ୍ଟାଫ କ୍ଲବ୍, ଖଡକିଠାରେ ପୁଷପୁନି ଭେଟଘାଟ ପାଳନ ହୋଇଯାଇଛି ।

ଏହି ଉତ୍ସବରେ ୩୦୦ରୁ ଅଧିକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ମଞ୍ଚ ପରିଚାଳନାରେ ମଧୁସ୍ମିତା ପ୍ରଧାନ ଓ ପ୍ରତ୍ୟୁଷା ଗୁରୁ ଥିବାବେଳେ ସଙ୍ଗୀତ ବିଶାରଦ ରାଜଶ୍ରୀ ହୋତାଙ୍କଠାରୁ ଶିକ୍ଷା ଲାଭ କରିଥିବା କୁନି କୁନି ପିଲାଙ୍କ ନାଚ ଗୀତର ଆସର ବେଶ୍ ଜମି ଥିଲା । ଏହା ସାଙ୍ଗକୁ ଓଡ଼ିଶା ପାଚକ, ପାଚିକାଙ୍କ ଦ୍ୱାରା ପ୍ରସ୍ତୁତ ପଶ୍ଚିମ ଓଡ଼ିଶାର ସୁସ୍ୱାଦୁ ପାରମ୍ପରିକ ଖାଦ୍ୟ ସମସ୍ତେ ଆନନ୍ଦ ଉଲ୍ଲାସ ସହ ଖାଇଥିଲେ । ବିସିଏ ପଶ୍ଚିମଓଡ଼ିଶାର କଳା ଓ ସଂସ୍କୃତିକୁ ରାଜ୍ୟ ବାହାରେ ପ୍ରଚାର ପ୍ରସାର କରିବା ସହ ସବୁବେଳେ ପଶ୍ଚିମ ଓଡ଼ିଆର ଏକତାକୁ ବଜାୟ ରଖିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରି ଆସୁଛି ବୋଲି ଉପସ୍ଥିତ



ଅନେକ ବୁଦ୍ଧିଜୀବୀ, ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଥିଲେ । ସଂଘର ବରିଷ୍ଠ ମହିଳା ସବିତା ଶତପଥୀ, ପ୍ରମିଳା ଶତପଥୀ, ବେଲମତି ମେହେର, ମମତା ପ୍ରଧାନ, ମମତା ନନ୍ଦ, ଆଶା ରଥ, ମନିଷା ପାଣିଗ୍ରାହୀ ପ୍ରମୁଖ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ବଙ୍କିମ ପଟେଲଙ୍କ ଗୀତରେ ବହୁତ୍ ମଜା ଉଠେଇଥିଲେ ଦର୍ଶକ । ପ୍ରବାସୀ ଓଡ଼ିଆମାନେ ପୁନାରେ ଚାକିରି ଓ ଅନ୍ୟ ବ୍ୟବସାୟ ପ୍ରତିଷ୍ଠାନରେ କାମ କରିବା ସହ ଓଡ଼ିଶାର ଶ୍ରୀଜଗନ୍ନାଥ ସଂସ୍କୃତି, ସାମାଜିକ ରୀତିନୀତି, ପର୍ବପର୍ବାଣୀ ଇତ୍ୟାଦି ପାଳନ କରି ପ୍ରଚାର ପ୍ରସାର କରିବା ପୂର୍ବକ ଓଡ଼ିଶାର ନାମ ଗୌରବାନ୍ୱିତ କରୁଥିବା ସଭ୍ୟ ଜିତେନ୍ଦ୍ର ମିଶ୍ର (ମନମୁଣ୍ଡା , ବୌଦ୍ଧ), ରାଜନ ନାୟକ (ବଲାଙ୍ଗିର) ଙ୍କଠାରୁ ଜାଣିବାକୁ ମିଳିଛି ।

# ମୁଣ୍ଡାପଡ଼ା ଫୁଟବଲ: ବୌଦ୍ଧ ଚାମ୍ପିଅନ



**ବୌଦ୍ଧ ୨୫।୨(ସମିସ):** ବୌଦ୍ଧ ବ୍ଲକ ମୁଣ୍ଡାପଡ଼ା ଖେଳ ପଡ଼ିଆରେ ଫ୍ରେଣ୍ଡସ କ୍ଲବ୍ ଓ ସ୍ୱେଚ୍ଛାସେବୀ ସଂଗଠନ କାର୍ଡ ମୁଣ୍ଡାପଡ଼ା ମିଳିତ ସହଯୋଗରେ ଚାଲିଥିବା ରାଜ୍ୟସ୍ତରୀୟ ମୁଣ୍ଡାପଡ଼ା ଫୁଟବଲ୍ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି ।

ଫାଇନାଲ ମ୍ୟାଚ ବୌଦ୍ଧ ଓ ସୋନପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ବୌଦ୍ଧ ଦଳ ସୋନପୁର ଦଳକୁ ୩-୦ ଗୋଲରେ ପରାଜିତ କରି ଚାମ୍ପିଅନ ହୋଇଥିଲା । ରେଫରି ଅମ୍ବରିସ ପ୍ରଧାନ, ପ୍ରହଲ୍ଲାଦ ଭୋକ୍ତା, ବସୁଦ ସାହୁ, ପରିଚାଳନା କରିଥିଲେ । କାର୍ଡର ସମ୍ପାଦକ ଧର୍ମୁଧର ପୋଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ ସରୋଜ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବରପଦର ସିଂହାସିନୀ ଟ୍ରଷ୍ଟ ସଭାପତି ଗୁଣନିଧି ଗୁରୁ, ସମ୍ପାଦକ ମହେନ୍ଦ୍ର ବିଶ୍ୱାଳ ଯୋଗ ଦେଇଥିଲେ । ଫ୍ରେଣ୍ଡସ କ୍ଲବ୍ ଓ କାର୍ଡ ମୁଣ୍ଡାପଡ଼ାର ସମସ୍ତ ସଭ୍ୟ ସହଯୋଗ କରିଥିଲେ ।

# ସିଦ୍ଧେଶ୍ୱର କ୍ରିକେଟ ପ୍ରତିଯୋଗିତା: ଦେମୁହାଣ ଚାମ୍ପିଅନ



**ଶଗଡା, ୨୫।୨ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ କୁଲୁତାଯୋର ପଞ୍ଚାୟତ ପିଟାବାହାଲର ଖେଳପଡ଼ିଆରେ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ପ୍ରଥମ ସିଦ୍ଧେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ଜାମୁଟ ଦଳକୁ ହରାଇ ଦେମୁହାନ ଚାମ୍ପିଅନ ହୋଇଥିଲା । ଟସ ଜିତି ଦେମୁହାଣ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୮୧ ରନ କରିବାକୁ ସମର୍ଥ ହୋଇଥିଲା । ଜାମୁଟ ଦଳ ନିର୍ଦ୍ଧାରିତ ଓଭରରେ ୩ଉଇକେଟ ବିନିମୟରେ କେବଳ ୭୦ରନ କରିପାରିଥିଲା । ମ୍ୟାଚରେ ମୁଖ୍ୟଅତିଥି ଭାବେ କଣ୍ଟାମାଳ ବ୍ଲକ ଉପାଧ୍ୟକ୍ଷ ମହେନ୍ଦ୍ର ରଣା ଓ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ନୀଳାଚଳ ଭୋଇ, ସମାଜସେବୀ ଦୟାବନ୍ତ ଧରୁଆ, ବିବଛ ଭୋଇ, ଶମ୍ଭୁନାଥ ରଣା, ଶିବ ଭୋଇ, ଶେଷଦେବ ରଣା, ନିରଞ୍ଜନ ରଣା, ଉଦୟ ନାଥ ରଣା ପ୍ରମୁଖ ଯୋଗ ଦେଇଥିଲେ । ଫାଇନାଲ ମ୍ୟାଚକୁ ଲକ୍ଷ୍ମଣ ରଣା ଓ ବନ ବିହାରୀ ଭୋଇ ପରିଚାଳନା କରିଥିବା ବେଳେ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

# ବନ୍ଧଗୋରାରେ ବୌଦ୍ଧ ପୁଲିସର ଜନମୈତ୍ରୀ କାର୍ଯ୍ୟକ୍ରମ

**କଣ୍ଟାମାଳ, ୨୫।୨(ସମିସ)**

କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଥାନା ଅନ୍ତର୍ଗତ ଖୁଣ୍ଟିଗୋରା ପଞ୍ଚାୟତର ବନ୍ଧଗୋରା ମନ୍ଦିର ପ୍ରାଙ୍ଗଣରେ ବୌଦ୍ଧ ଜିଲ୍ଲା ପୁଲିସ ପକ୍ଷରୁ ରବିବାର ଜନମୈତ୍ରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇ । କାର୍ଯ୍ୟକ୍ରମରେ ବୌଦ୍ଧ ଜିଲ୍ଲା ଅତିରିକ୍ତ ଏସପି ମାରିଆନସ୍ ମିଞ୍ଜ ମାଓବାଦୀଙ୍କ କାର୍ଯ୍ୟକଳାପ ନେଇ ଭୟଭୀତ ନହେବାକୁ ଲୋକଙ୍କୁ ପରାମର୍ଶ ଦେଇଥିଲେ । ମାଓବାଦୀଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ରହିଥିବା ସରକାରଙ୍କ ମାଓବାଦୀ ଆତ୍ମସମର୍ପଣ ପୁନର୍ବାସ ଓ ଥଇଥାନ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇବା ସହ ମାଓବାଦୀ ବିଚାରଧାରାର ଯୁବକଯୁବତୀ ଆତ୍ମସମର୍ପଣ କଲେ ୪ଡ଼ିସିମିଲ ଘରଡ଼ିହ, ଆବାସ ଗୃହ ସହିତ ପାଠପଢା ଖର୍ଚ୍ଚ, ବିବାହ ଆଦି ବିଭିନ୍ନ ସରକାରୀ ସହାୟତାର ବନ୍ଦୋବସ୍ତ କରାଯିବ ବୋଲି କହିଥିଲେ । ପୁଲିସ ଆରଆଇ କୁଳମଣି ଗିରି, ଆଦିବାସୀ ନେତା ପିତାମ୍ବର ଭୋଇ, ସର୍ଜନ ଦୁମନ୍ତ ସାହୁ, ଘଣ୍ଟାପଡା ଥାନାଧିକାରୀ ବଳଭଦ୍ର ଗଣ୍ଡା, ଏସଆଇ ବିଶ୍ୱାମିତ୍ର ଲୋଇଙ୍କ ସମେତ ଆଇଆରବି ଯବାନ ଓ ଅନ୍ୟ ପୁଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ଏହି ଅବସରରେ ୨୦ ବୃଦ୍ଧବୃଦ୍ଧାଙ୍କୁ ଧୋତି, ଶାଢ଼ି ଓ ଶୀତବସ୍ତ୍ର, ୩୦ ଜଣ ସ୍କୁଲ ପିଲାଙ୍କୁ ସ୍କୁଲ ବ୍ୟାଗ ଏବଂ ନୋଟବୁକ ବଣ୍ଟନ କରାଯାଇଥିଲା । ବନ୍ଧଗୋରା ଓ ସିନ୍ଧୁଗୋରା ଗ୍ରାମର ଖେଳାଳିଙ୍କୁ ନେଇ ଭଲିବଲ ପ୍ରତିଯୋଗିତାରେ ସିନ୍ଧୁଗୋରା ବିଜେତା ହୋଇଥିଲା ।



# 'ଆମ ଓଡ଼ିଶା ନବୀନ ଓଡ଼ିଶା' ପଞ୍ଚାୟତସ୍ତରୀୟ ସଚେତନତା

**ହରଭଙ୍ଗା, ୨୫।୨(ସମିସ):** ରାଜ୍ୟ ସରକାରଙ୍କ 'ଆମଓଡିଶା ନବୀନ ଓଡିଶା ସଚେତନତା କାର୍ଯ୍ୟକ୍ରମ ହରଭଙ୍ଗା ବ୍ଲକ୍ ସଙ୍କୁଲୋଇ ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଞ୍ଚଳିକ ବ୍ଲକ୍ କଳାକାର ଓ ସଂସ୍କୃତି ସଂଘର ବାବା ପେଟାଶ୍ୱର ଦଣ୍ଡନୃତ୍ୟ, ମଲ୍ଲିକପଡ଼ାର ପତରସୌରା ଓ ଶବର ଲୋକନୃତ୍ୟ, ଗୀତ ଓ କଥା ମାଧ୍ୟମରେ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମର ବାର୍ତ୍ତା ପ୍ରଦାନ କରିଥିଲେ । ବ୍ଲକ କଳାକାର ଓ ସଂସ୍କୃତି ସଂଘର ସମ୍ପାଦକ ଅର୍ଜୁନ ଭୋକ୍ତା, ଦଣ୍ଡ ନୃତ୍ୟଗୁରୁ ହେମନ୍ତ ପ୍ରଧାନ ଓ ବରିଷ୍ଠ ବାଦ୍ୟକାର କରୁଣାକର ମୁଖୀ ଓ ତାଙ୍କର ସହଯୋଗୀ ଭାଗ ନେଇଥିଲେ । ନୋଡାଲ ଅଧିକାରୀ ପିଇଓ ଜଗଦୀଶ ମଲ୍ଲିକ, ସଙ୍କୁଲୋଇ ସରପଞ୍ଚ, ସମିତିସଭ୍ୟ, ଅଙ୍ଗନବାଡି କର୍ମୀ, ଆଶା, ସିଆରପିଙ୍କ ଉପସ୍ଥିତିରେ ପଞ୍ଚାୟତ ଅନ୍ତର୍ଗତ ନୂଆପଡ଼ା, ପଦାମାଳ, ପାଣିଘରା, ରାଉତପଡ଼ା, ଶଙ୍କରଡା, ଶଙ୍କୁଲେଇ, ବିଶିପାଲି, ବୃହସ୍ପତିପୁର, ବୃନ୍ଦାବନପୁର ଗ୍ରାମଗୁଡିକରେ ଚାଲୁ ରହିଥିଲା ।



# କଂଗ୍ରେସ ଗଡ଼ରେ ବିଜେଡିର ମିଶ୍ରଣ ପର୍ବ




**ବଲାଙ୍ଗିର/କଣ୍ଟାବାଞ୍ଜି,୨୫।୨(ସମିସ):** କଂଗ୍ରେସ ଗଡ଼ କୁହାଯାଉଥିବା ବଙ୍ଗୋମୁଣ୍ଡା ବ୍ଲକ ଚୂଲିଫୁଙ୍କା ପଞ୍ଚାୟତରେ ବିଜୁ ଜନତା ଦଳର ମିଶ୍ରଣ ପର୍ବ ରବିବାର ଅନୁଷ୍ଠିତ ହୋଇଯାଇଛି। ୮୦ରୁ ଉର୍ଦ୍ଧ୍ୱ ମହିଳା, ପୁରୁଷ ଓ ଯୁବକ କଂଗ୍ରେସ ଦଳ ପରିତ୍ୟାଗ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟରେ ଅନୁପ୍ରାଣୀତ ହୋଇ କଣ୍ଟାବାଞ୍ଜି ବରିଷ୍ଠ ବିଜେଡି ନେତା ଅଜୟ ଦାସଙ୍କ ଉପସ୍ଥିତିରେ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ଅଜିତ ଯୋଷୀ, ଡିଜେଡି ବ୍ଲକ ସଭାପତି ଡମ୍ବରୁ ମେହେର, ଯୁବନେତା ନେପାଳ ବେହେରା, ରୋମାଞ୍ଚଳ ବେହେରା, ଜିତେନ୍ଦ୍ର ବେହେରା, ପ୍ରମୋଦ ବେହେରା ଉପସ୍ଥିତ ଥିଲେ।

## ୧୦ ଦିନ ହେଲା ପ୍ରକଳ୍ପରୁ ଜଳଯୋଗାଣ ହେଉନି

# ପାନୀୟ ଜଳ ସମସ୍ୟାରେ ଉପାନ୍ତବାସୀ, ଦେଲେ ଆନ୍ଦୋଳନ ଚେତାବନୀ

**ସିନାପାଲି, ୨୫।୨ (ସମିସ)**

ସିନାପାଲି ବ୍ଲକର ବଣପାହାଡ ଘେରା ଉପାନ୍ତ ନଙ୍ଗଲବୋଡ ଓ ଘାଟମାଲ ପଞ୍ଚାୟତର ଅନେକ ଗ୍ରାମ ଆଜକୁ ୧୦ ଦିନ ହେଲା ଜଳଯୋଗାଣ ବନ୍ଦ ରହିଛି। ଯାହା ଫଳରେ ଅଞ୍ଚଳର ଜନସାଧାରଣ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ପ୍ରକାଶ ଯୋଗ୍ୟ ଯେ ଘାଟମାଲ ଓ ନଙ୍ଗଲବୋଡ ପଞ୍ଚାୟତର ଅନେକ ଗ୍ରାମକୁ ସରକାରଙ୍କ ବସୁଧା ଯୋଜନାରେ ବିଶୁଦ୍ଧ ପାନୀୟ ଯୋଗାଣ ପାଇଁ ଘାଟମାଲସ୍ଥିତ ଉଦନ୍ତି ନଦୀ ବ୍ରିଜ୍ ପାର୍ଶ୍ୱରେ ପମ୍ପ ହାଉସ ନିର୍ମାଣ ହୋଇଛି। ହେଲେ ସେହି ପମ୍ପ ହାଉସ ନିର୍ମାଣ ପାଇପ ପୋତା କାମରେ ବ୍ୟତିକ୍ରମ ହୋଇଥିବା ହେତୁ ଲୋକେ ବିଶୁଦ୍ଧ ପାନୀୟ ଜଳ ପାଇବାରେ ଅସୁବିଧା ଦେଖା ଦେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଗ୍ରୀଷ୍ମ ଋତୁ ଆରମ୍ଭ ହେଉଥିବା ବେଳେ ପାରଦ ବଢ଼ିବାରେ ଲାଗିଛି। ତେଣୁ ପ୍ରଶାସନ ଏଥିପ୍ରତି ଆବଶ୍ୟକ ଦୃଷ୍ଟି ନ ଦେଲେ ଆଗକୁ ପାନୀୟ ଜଳ ପାଇଁ ଅଞ୍ଚଳବାସୀ ଅସ୍ତବ୍ୟସ୍ତ ହୋଇ ପଡ଼ିବେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏହି ପାଣି ଯୋଗାଣ ପମ୍ପ ହାଉସରୁ ସିଧାସଳଖ ଭାବେ ଉଦନ୍ତି ନଦୀ



ଭିତରକୁ ଏକ ବଡ଼ ପାଇପ ଯାଇଥିବା ବେଳେ ସେହି ପାଇପ ତଳେ ନ ରହି ଉପର ପାର୍ଶ୍ୱରେ ରହିଛି। ଯାହା ଫଳରେ ଜଳ ଯୋଗାଣ ପାଇଁ ମୋଟର ଚଲାଇଲେ ପାଣି ସହ ଜଙ୍ଗଲର ଅନାବନା ଘାସ, ନଡ଼ା, ଲଟା ବୁଦା ଆଉ ବାଲି ପାଇପରେ ଚାଲି ଆସୁଛି। ଯାହା ଫଳରେ ପାଇପ ଯୋଗେ ଦୂଷିତ ପାଣି ମିଳୁଛି। ଅନ୍ୟପକ୍ଷରେ ଏହି ସପ୍ଲାଇ ପାଣି ଦୁଇଗୋଟି ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯୋଗାଣ ହେଉଥିବା ବେଳେ ଅନେକ ଗ୍ରାମରେ ନାମକୁ ମାତ୍ର ଷ୍ଟାଣ୍ଡ ପୋଷ୍ଟ ଲାଗିଛି। ବର୍ଷ ବର୍ଷ ହେଲା ପାଣି ଯୋଗାଣ ହେଉନାହିଁ। ଦୁଇଗୋଟି ପଞ୍ଚାୟତକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଗତ ୨୦୧୭ ମସିହାରେ ଲକ୍ଷାଧିକ ଟଙ୍କା ଅଟକଳରେ ଭଟାପାଣି ଠାରେ ପାଣି ଟାଙ୍କି ନିର୍ମାଣ ହୋଇଛି। ୨୦୧୮ ମସିହା ଠାରୁ ଜଳ ଯୋଗାଣ କାର୍ଯ୍ୟ ଆରମ୍ଭ କରାଯାଇଛି। ହେଲେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମନମାନି କାର୍ଯ୍ୟ ପାଇଁ ଏଭଳି ଅନେକ ଅସୁବିଧାର ସମ୍ମୁଖିନ ହେଉଥିବା ଅଞ୍ଚଳର ଜନସାଧାରଣ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ସ୍ଥାନୀୟ ସରପଞ୍ଚ ଜଗଦୀଶ ମାଝି, ସମିତିସଭ୍ୟ ଡିଙ୍ଗର ମାଝି, ନରମାଝି, କୁମର ମାଝି, ଦାଦୁ ଖାନ, ଗିରିଧାରୀ ମାଝି ସମେତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ତୁରନ୍ତ ସମାଧାନ କରା ନ ଗଲେ ବ୍ଲକ କାର୍ଯ୍ୟାଳୟରେ ଧାରଣା ଦେବାକୁ ବାଧ୍ୟ ହେବୁ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସିନାପାଲି ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ଯାନ୍ତ୍ରିକ ତ୍ରୁଟି ରହିଥିଲା। ସମାଧାନ କରିବା ପାଇଁ ଚେଷ୍ଟା ଜାରି ରହିଛି। ବହୁତ ଶୀଘ୍ର ସମାଧାନ ହୋଇଯିବ ବୋଲି ସେ କହିଛନ୍ତି।

# ନେହରୁ ଯୁବକେନ୍ଦ୍ର ପକ୍ଷରୁ ଯୁବ ସଂସଦ କାର୍ଯ୍ୟକ୍ରମ

**ଭବାନୀପାଟଣା, ୨୫।୨(ସମିସ):** ଭାରତ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଅନ୍ତର୍ଗତ ନେହେରୁ ଯୁବକେନ୍ଦ୍ର କଳାହାଣ୍ଡି ପକ୍ଷରୁ ସ୍ଥାନୀୟ ଟାଉନ ହଲ୍‌ଠାରେ ଜିଲ୍ଲା ଅଧିକାରୀ ପ୍ରସନ୍ନ ମେହେରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ପଡୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ




କଳାହାଣ୍ଡି ଜିଲ୍ଲା ୬୪ ବାଟାଲିଅନ ସିଆରପିଏଫ୍ କମାଣ୍ଡାଣ୍ଟ ପଙ୍କଜ ଚୌଧୁରୀ, ସମ୍ମାନିତ ଅତିଥି ଉପଜିଲ୍ଲାପାଳ ବିଶ୍ୱଜିତ ଦାସ, ଅନ୍ୟତମ ଅତିଥି ଭାବେ ଜିଲ୍ଲା କ୍ରୀଡା ଅଧିକାରୀ ରମେଶ କୁମାର ପାଢ଼ୀ, ମା' ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟର ରାଜନୀତିବିଜ୍ଞାନ ବିଭାଗର ମୁଖ୍ୟ କୈଳାଶ ଚନ୍ଦ୍ର ଦାସ ଓ ଇଂରାଜୀ ବିଭାଗର ମୁଖ୍ୟ ମେଜର ଡକ୍ଟର ଜୟଦେବ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ନିମନ୍ତ୍ରିତ ଅତିଥିମାନେ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଉପରେ ବକ୍ତବ୍ୟ ରଖିଥିଲେ। ଯୁବ ସମାଜର ସମାଜ ପ୍ରତି ଦାୟିତ୍ୱ ସମ୍ପର୍କରେ ଅନେକ ବକ୍ତା ନିଜ ଅଭିଭାଷଣ ରଖିଥିଲେ। ପ୍ରତାପଚନ୍ଦ୍ର ଦାସ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଏନଏସଏସ, ଡକ୍ଟର ଏସ. ପ୍ରିୟା ଆସିଷ୍ଟାଣ୍ଟ ପ୍ରଫେସର ଜି.ସି.ଇ କଳାହାଣ୍ଡି, ମହେନ୍ଦ୍ର କୁମାର ପଣ୍ଡା ଅବସରପ୍ରାପ୍ତ ଆଇ.ପି.ଇ, ରବି କାନୁନଗୋ ମା' ମାଣିକେଶ୍ୱରୀ ହାଇସ୍କୁଲ, ଅଂଶୁମାନ ବାବୁ, ଏପିଏ ନେହେରୁ ଯୁବ କେନ୍ଦ୍ର କଳାହାଣ୍ଡି ଦୂତିଆ ବଞ୍ଛୋର୍ ପ୍ରମୁଖ ଅନ୍ୟତମ ଅତିଥି ଭାବରେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଯୁବ ଅନୁଷ୍ଠାନ, ମହିଳା ମଣ୍ଡଳ, ସ୍କୁଲ, କଲେଜ, କଳାହାଣ୍ଡି ୟୁନିଭର୍ସିଟି, ଏନସିସି ଏବଂ ଏନଏସ୍‌ଏସ୍‌ର ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ସଦସ୍ୟମାନେ ଯୋଗ ଦେଇଥିଲେ। ୨ୟ ଅଧିବେଶନ ମକ୍ ସଂସଦ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷ ପ୍ରକୃତି ବନ୍ଧୁ ସମ୍ମାନ ପାଇଥିବା ସ୍ୱେଚ୍ଛାସେବୀଙ୍କୁ ସମ୍ମାନିତ କରାଯାଇଥିଲା। ବିନୟ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲାବେଳେ ଦୁତିଆ ବନଛୋର୍ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ନେହେରୁ ଯୁବକେନ୍ଦ୍ର କଳାହାଣ୍ଡିର ସ୍ୱେଚ୍ଛାସେବୀ, ଏନସିସି, ଏନଏସଏସର ସ୍ୱେଚ୍ଛାସେବୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଏଲଆଇସି ଅଭିକର୍ତ୍ତା ସଂଘର ନିର୍ବାଚନ

**ଟିଟିଲାଗଡ଼, ୨୫।୨ (ସମିସ):** ପୌର ପରିଷଦ କଲ୍ୟାଣ ମଣ୍ଡପରେ ରବିବାର ଭାରତୀୟ ଜୀବନ ବୀମା ନିଗମ ଅଭିକର୍ତ୍ତା ସଂଘର ୨୭ତମ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ବୁଲବୁଲ ମେହେରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଚଳିତବର୍ଷ ନୂତନ ଭାବରେ କ୍ଲବ ସଦସ୍ୟତା ହାସଲ କରିଥିବା ଅଭିକର୍ତ୍ତାଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଆଗାମୀ ୨ ବର୍ଷ ପାଇଁ ସଂଘର ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ନୂତନ ସଂଘ ସଭାପତି ଭାବରେ ବୈକୁଣ୍ଠ ମେହେର, ସମ୍ପାଦକ ଅସୀମ କୁଣ୍ଡୁ, ଉପସଭାପତି ସନ୍ତୋଷ ପୁରୋହିତ, ହଳପାଣି ସାହୁ, ସହସମ୍ପାଦକ ଦେବକୁମାର ଚୌଧୁରୀ, ଭାରତୀ ସାହୁ, କୋଷାଧକ୍ଷ କ୍ଷୀରୋଦ ସାହୁ ମନୋନୀତ ହୋଇଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଅଭିକର୍ତ୍ତା ଯୋଗଦେଇଥିଲେ।

## ଜିଲ୍ଲା କଲ୍‌ଚରାଲ ଏକାଡେମୀର କବିତା ପାଠୋତ୍ସବ ଓ ଆଲୋଚନା

**ବୌଦ୍ଧ, ୨୫।୨(ସମିସ):** ବୌଦ୍ଧ ଟୁଟୁସିଙ୍ଗା ପଞ୍ଚାୟତ ହାଇସ୍କୁଲରେ ଜିଲ୍ଲା କଲଚରାଲ ଏକାଡେମୀର ମାସିକ କବିତା ପାଠୋତ୍ସବ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏକାଡେମୀର ଉପସଭାପତି ତଥା ଶିଶୁ ସାହିତ୍ୟିକ ଧ୍ରୁବଚରଣ ଘିବେଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦେବରାଜ ନାୟକ, ସମ୍ମାନିତ ଅତିଥି ଶିକ୍ଷକ କାର୍ତ୍ତିକେଶ୍ୱର ନାଏକ ଓ ଅନୁଷ୍ଠାନର ସମ୍ପାଦକ ରମେଶ ପ୍ରସାଦ ମେହେର ମଞ୍ଚାସୀନ ଥିଲେ। ମୁଖ୍ୟ ଆଲୋଚକ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ସଂସ୍କୃତ ବିଭାଗର ବରିଷ୍ଠ ଅଧ୍ୟାପକ ପ୍ରତାପ ରଥ ସମାଜ ପାଇଁ ସାହିତ୍ୟର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବି କିଶୋର ମିଶ୍ରଙ୍କ ଅଧ୍ୟକ୍ଷତା ଏବଂ ଚିତ୍ତରଞ୍ଜନ ବେହେରା ଓ ନିବାସ ନାୟକଙ୍କ ସଂଯୋଜନାରେ କବିତା ପାଠୋତ୍ସବ କରାଯାଇଥିଲା। କବି ଅନାଦି ଚରଣ ବେହେରା, ଶୁଭ୍ରାଂଶୁ ଶେଖର ଭୂୟାଁ, ଗୋଲକ ବିହାରୀ ସାହୁ, ନିବାସ ନାୟକ, ରଶ୍ମିତା ବେହେରା, ଚିତ୍ତରଞ୍ଜନ ବେହେରା, ରମେଶ ପ୍ରସାଦ ମେହେର, ରାଜକୁମାର ପ୍ରଧାନ, ଧ୍ରୁବଚରଣ ଘିବେଲା, କିଶୋର ମିଶ୍ର, ଦେବରାଜ ନାୟକ, ପ୍ରତାପ ରଥ, କାର୍ତ୍ତିକେଶ୍ୱର ନାଏକ, ରାଧାମୋହନ ମହାରଣା ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ରାଧାମୋହନ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ଡୁଙ୍ଗୁରିପାଲି ଏନ୍‌ଏସି ଘୋଷଣା ପରେ ଖୁସିର ଲହରୀ

**ଡୁଙ୍ଗୁରିପାଲି, ୨୫।୨ (ସମିସ):** ଡୁଙ୍ଗୁରିପାଲିକୁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି) ଘୋଷଣା ପରେ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଡୁଙ୍ଗୁରିପାଲି ପଞ୍ଚାୟତ ୧୫ଟି ୱାର୍ଡକୁ ନେଇ ଗଠିତ। ଏହାର ଜନସଂଖ୍ୟା ୧୦ ହଜାରରୁ ଉର୍ଦ୍ଧ୍ୱ ରହିଥିବା ବେଳେ ଦୀର୍ଘ ସମୟରୁ ଏହାକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ସ୍ଥାନୀୟ ଜନସାଧାରଣଙ୍କ ଦାବି ରହିଥିଲା। ଏବେ ଏନଏସି ଘୋଷଣା ପରେ ଡୁଙ୍ଗୁରିପାଲିବାସୀ ବାଣ ଫୁଟାଇ, ମିଠା ବଣ୍ଟନ କରି ଖୁସି ପ୍ରକଟ କରିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବଣିକ ସଂଘ ସଭାପତି ପ୍ରଦୀପ ମିଶ୍ର, ଗୋପାଳ ବାରିକ, ହିମାଂଶୁ ଶେଖର ବିଶ୍ୱାଳ, ଆଇନଜୀବୀ ନବୀନ ରଣା, ବିପ୍ରଚରଣ ସାହୁ, ଧର୍ମେନ୍ଦ୍ର ବିଶ୍ୱାଳ, ବଦ୍ରିନାରାୟଣ ପାଣ୍ଡିଆ, ସଞ୍ଜୀବ ନାଏକ, ସୁନିଲ ମିତଲଙ୍କ ସହ ଏନଏସି କମିଟି ଓ ବିଭିନ୍ନ ସଂଗଠନର ସହରବାସି ଯୋଗ ଦେଇଥିଲେ।

## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

**ଭବାନୀପାଟଣା, ୨୫।୨(ସମିସ):** ରବିବାର ସକାଳ ୮ଟା ସମୟରେ ରିଷିଗାଁ ପେଟ୍ରୋଲ ପମ୍ପ ସମ୍ମୁଖରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଯୁବକ ଜଣକ ହେଲେ ସାହିଲ ମହାନନ୍ଦ (୨୧)। ସେ ଭବାନୀପାଟଣାରୁ ବାଦୋପଲା ଅଭିମୁଖେ ଯାଉଥିବା ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାସ୍ଥଳରୁ ଅଟୋ ଯୋଗେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷାଣ କରିଥିଲେ।

## ଅସହାୟ ପରିବାରର ମୃତକଙ୍କ ସମାଧି କଲେ ସମାଜସେବୀ

**ସଇଁତଲା, ୨୫।୨(ସମିସ):** ସଇଁତଲା ବ୍ଲକ ଡେଙ୍ଗ ଗାଁର ଜଣେ ଅସହାୟ ପରିବାର ବ୍ୟକ୍ତି ରାଜୁ ନାଏକଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ପରିବାରରେ କେବଳ ୨ ଜଣ ମହିଳା ବ୍ୟତୀତ କୌଣସି ପୁରୁଷ ପିଲା ନଥିବାରୁ ତାଙ୍କର ଅନ୍ତିମ ସଂସ୍କାର କାର୍ଯ୍ୟ କରିବା ପାଇଁ ପରିବାର ଲୋକେ ଅସହାୟ ଅବସ୍ଥାରେ ଥିଲେ। ଏହାଦେଖି ସମାଜସେବୀ ଲୋକନାଥ ବଗର୍ତ୍ତୀ ଏବଂ ପ୍ରଶାନ୍ତ ରଣାଙ୍କ ପ୍ରଚେଷ୍ଟାରେ ଡେଙ୍ଗ ଗ୍ରାମସ୍ଥିତ ଖ୍ରୀଷ୍ଟୀୟ ଉଦ୍‌ଯୋଗ ସମିତି ସଂଗଠନ ତରଫରୁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଯାଇଥିଲା। ସମିତିର ସଭାପତି ଶେଖର ସାଗର ଏବଂ ଉପଦେଷ୍ଟା ହୋସେନ୍ ସାଗରଙ୍କର ପରିଚାଳନାରେ ସ୍ଥାନୀୟ ଲାନ୍ଥ ନଦୀ ନିକଟରେ ଏହି ସମାଧି କାର୍ଯ୍ୟ କରାଯାଇଥିଲା। ଏସ୍ ବି ଇମରସନ୍, ବିଶ୍ୱଜିତ୍ ନାଗ, କୁମୁଦ ନାଗ, ରୋଶନ ସାଗର, ଆଶିଷ ସୁନା ଏବଂ ଇସହାକ ସାଗର ନିଜର ସହଯୋଗ କରିଥିଲେ।

## ତିଲୋତ୍ତମାଙ୍କ ୧୫ ମାସର ଚାଉଳ ଗାଏବ ଅଭିଯୋଗ

**ବେହେରା, ୨୫।୨(ସମିସ):** ରାଜ୍ୟର ସମସ୍ତ ଜନ ସାଧାରଣ କିପରି ଅନାହାର ସାମ୍ନା କରିବେ ନାହିଁ ସେଥିପାଇଁ ଓଡ଼ିଶା ସରକାର ମାତ୍ର ୧ ଟଙ୍କାରେ ଜଣ ପିଛା ୫ କିଲୋ ଲେଖାଏଁ ଚାଉଳ ଯୋଗାଇ ଦେଉଛନ୍ତି। କେତେକ କ୍ଷେତ୍ରରେ ସରକାରୀ ବାବୁ ମାନଙ୍କ ଅପାରଗତା ଯୋଗୁଁ ହିତାଧିକାରୀ ହଇରାଣ ହରକତ ହେଉଥିବା ଦେଖାଯାଇଛି। ଧର୍ମଗଡ଼ ବ୍ଲକ ଛଞ୍ଚାଣବାହେଲି ଗ୍ରାମ ପଞ୍ଚାୟତ ବେହେରାଗୁଡା ଗାଁର ତିଲୋତ୍ତମା ଭାଟିଙ୍କ ପ୍ରାୟ ୧୫ ମାସର ଚାଉଳ ପାଇ ନ ଥିବା ଅଭିଯୋଗ ହୋଇଛି। ଏନେଇ ସମ୍ପୃକ୍ତ ମହିଳା ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ନିକଟରେ ଫେରାଦ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରିନାହିଁ। ଏହାକୁ ନେଇ ପଞ୍ଚାୟତବାସୀ ଯୋଗାଣ ସହାୟକଙ୍କ ଉପରେ ସନ୍ଦେହ କରିଛନ୍ତି। ସୂଚନା ମୁତାବକ ବେହେରାଗୁଡା ଗ୍ରାମର ସରୋଜ ଭାଟିଙ୍କ ସ୍ତ୍ରୀ ତିଲୋତ୍ତମା ଭାଟିଙ୍କ ନାଁରେ ପିଏଚଏଚ ରାସନ୍ କାର୍ଡ ରହିଛି। ମାସକୁ ଏହି ପରିବାର ୧୫ କେଜି ପିଡିଏସ୍ ଚାଉଳ ପାଇଥାନ୍ତି। ହେଲେ ଦୀର୍ଘ ୧୫ମାସ ହେବ ହାଇଦ୍ରାବାଦରେ ଶ୍ରମିକ ଭାବେ ପରିବାର ସହ ରହୁଥିଲେ। ଏବେ ଗାଁ କୁ ଫେରିବା ପରେ ରାସନ୍ କାର୍ଡରେ ଚାଉଳ ପାଇଁ ପଞ୍ଚାୟତକୁ ଯାଇଥିଲେ। ତେବେ ତାଙ୍କର ଚାଉଳ ଆଗରୁ ଉଠାଣ ହୋଇଥିବା ଯୋଗାଣ ସହାୟକ ସୁଶାନ୍ତ ନାଏକ ପ୍ରକାଶ କରିଥିଲେ। ତେବେ ହିତାଧିକାରୀ ଜଣକ ଆମ ଚାଉଳ ବିନା ବାୟୋମେଟ୍ରିକ୍‌ରେ କେମିତି ଉଠାଣ ହେଲା ବୋଲି ପ୍ରଶ୍ନ କରିଥିଲେ। ଏହାପରେ ଯୋଗାଣ ସହାୟକ ଜଣଙ୍କ ପରିବାରର କେହି ଜଣେ ଚାଉଳ ଆଗରୁ ନେଇଥିବା କହି କଥାକୁ ଏଡାଇ ଦେଇଥିଲେ। ତେବେ ତିଲୋତ୍ତମାଙ୍କ ପରି କେତେ ହିତାଧିକାରୀଙ୍କ ଏଭଳି ହୋଇଛି ତାହା ତଦନ୍ତ ପରେ ପ୍ରକୃତ ସତ୍ୟାସତ୍ୟ ଉନ୍ମୋଚିତ ହେବ। ଏ ବିଷୟରେ ଧର୍ମଗଡ଼ ଯୋଗାଣ ନିରୀକ୍ଷକଙ୍କ ମତାମତ ନେବାରୁ ତଦନ୍ତ କଲେ ପ୍ରକୃତ କାରଣ ଜଣା ପଡ଼ିବ ବୋଲି କହିଛନ୍ତି।

# କଣ୍ଟାବାଞ୍ଜିରେ ବିଜେଡିର ବିରାଟ ଶୋଭାଯାତ୍ରା

**ତୁରେକେଲା, ୨୫।୨ (ସମିସ):** ଦିର୍ଘ ଦିନ ହେଲା ବିଜୁ ଜନତା ଦଳ ପକ୍ଷରୁ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରେ ବଲାଙ୍ଗିର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷ ନିରୁପମା ମାଝିଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଶଙ୍ଖ ଜନସମ୍ପର୍କ ଯାତ୍ରା ରବିବାର କଣ୍ଟାବାଞ୍ଜିରେ ପହଞ୍ଚିଛି। ୬ହଜାରରୁ ଉର୍ଦ୍ଧ୍ୱ ବିଜୁ ଜନତା ଦଳର ମହିଳା ଓ ପୁରୁଷ ଏକ ବିରାଟ ଶୋଭାଯାତ୍ରା କରି ସହର ପରିକ୍ରମା କରିଥିଲେ। ଜି.ଆର. ପେଲେସଠାରେ ଏକ ବିରାଟ ମାହା ସମାବେଶରେ ପର୍ଯ୍ୟବେକ୍ଷକ ରାଜୁ ଗିଭେଲା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ନିରୁପମା ମାଝୀ, ପୂର୍ବତନ ମୁରିବାହାଲ ବ୍ଲକ ତଥା ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ ହଂସରାଜ ଜୈନ, ବରିଷ୍ଠ ବିଜେଡି ନେତା ଉଦ୍ଧବ ବେହେରା, ବଲାଙ୍ଗିର ଜିଲ୍ଲା ବିଜୁ ଜନତା ଦଳ ଉପସଭାପତି ଉମାକାନ୍ତ ସାହୁ, ବଲାଙ୍ଗିର ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ସତ୍ୟ ନାରାୟଣ ଭୋଇ, ପୂର୍ବତନ ସୈନିକ ତଥା ବିଜେଡି ଯୁବ ସଂଗଠକ ଗିରିରାଜ ସିଂ ମାଝୀ, ବଲାଙ୍ଗୀର ଜିଲ୍ଲା ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ମିଥିଳା ମାଝି, ବରିଷ୍ଠ ବିଜେଡି ନେତା ଅମ୍ବୁ ଅଗ୍ରୱାଲ, ବିଜୁ ମହିଳା ଜନତା ଦଳ ଜିଲ୍ଲା ସାଧାରଣ ସମ୍ପାଦିକା ପିଙ୍କି ଖର୍ସେଲ, ପୂର୍ବତନ ମୁରିବାହାଲ ବ୍ଲକ ଉପାଧ୍ୟକ୍ଷା ସୁନ୍ଦରମତୀ ବାଗ, ବିଜୁ ଜନତା ଦଳ ତୁରେକେଲା ବ୍ଲକ ସଭାପତି ଆଶାଦୁଲ ଖାଁ, ଜିଲ୍ଲା ସାଧାରଣ ସମ୍ପାଦକ ରାଜେନ୍ଦ୍ର ବେହେରା, କଣ୍ଟାବାଞ୍ଜି ନଗର ସଭାପତି ଦେବାର ବାରିକ, ବରିଷ୍ଠ ବିଜେଡି ନେତା ଅରୁଣ ସିଂ ଦେଓ, ଶରତ ସିଂ ଭୋଇ ଶ୍ରୀଧର ମାଝି ପ୍ରମୁଖ ମଞ୍ଚାସୀନ ଥିଲେ। କଣ୍ଟାବାଞ୍ଜି ଏନ୍‌ଏସିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୌରପରିଷଦ ମାନ୍ୟତା ଦେଇଛନ୍ତି ଯାହାଦ୍ୱାରା କଣ୍ଟାବାଞ୍ଜି ସହରର ବିକାଶ ଦ୍ରୁତଗତିରେ ହେବ ବୋଲି ଶ୍ରୀମତୀ ମାଝି କହିଥିଲେ। ପର୍ଯ୍ୟବେକ୍ଷକ ଶ୍ରୀ ଗିଭେଲା କହିଥିଲେ ଯେ କେବଳ ସାଲୁଜା ଜନତାଙ୍କୁ ଭୂଆ ବୁଲାଉଛନ୍ତି। କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରେ ବିକାଶ କାର୍ଯ୍ୟ ହେଉ ନଥିବା ଅଭିଯୋଗ କରି ସେ କଂଗ୍ରେସ ବିଧାୟକ ସାଲୁଜା ଓ ବିଜେପି ସାଂସଦ ସଙ୍ଗୀତାଙ୍କ ବିରୋଧରେ ଗର୍ଜିଥିଲେ। ବିଜେଡି ନେତା ତୁଳସୀରାମ ଜଗତ ଓ ଦିଲୀପ ପୃଷ୍ଟି ମଞ୍ଚ ପରିଚାଳନା କରିଥିଲେ।



## ଚଞ୍ଚକତାକରି ଜମିପଟ୍ଟା ହୋଇଥିବା ଅଭିଯୋଗ

**ତୁରେକେଲା,୨୫।୨(ସମିସ):** କଣ୍ଟାବାଞ୍ଜି ତହସିଲ ଅଧୀନସ୍ଥ ଚଟୁଅନକା ଗ୍ରାମର ଜଣେ ବ୍ୟକ୍ତିଙ୍କ ଏ.୦.୩୮ ଡି.ଜମିକୁ ଚଞ୍ଚକତା କରି ରେଜେଷ୍ଟ୍ରି ଦଲିଲ କରାଇ ନେଇ ଜମି ହଡପ କରିଥିବା ଅଭିଯୋଗ କରିଛନ୍ତି ଜମି ମାଲିକ। ଏକ ଖବରଦାତା ସମ୍ମିଳନୀରେ ଜଣାଇଛନ୍ତି ଯେ ଲିଖିତ ଅଭିଯୋଗ ଦେଲା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନାହିଁ। ଚଟୁଅନକା ନିବାସି ଘନଶ୍ୟାମ ନିଆଲଙ୍କ ପୈତୃକ ସମ୍ପତିର ଖାତା ନଂ. ୪୯ ହାଲ ଖାତା ନଂ. ୨୫ ମୋଟ ଜମି ଏ.୦.୩୮ ଡିକୁ ସ୍ୱର୍ଗତ ରାମଚନ୍ଦ୍ର ଶର୍ମା ଓ ସ୍ୱର୍ଗତ ବିର୍ଦ୍ଧି ଅଗ୍ରବାଲଙ୍କ ଉତରାଧିକାରୀ ଅଶୋକ ଅଗ୍ରୱାଲ, ଅରୁଣ ଅଗ୍ରୱାଲ, ନରେଶ ଅଗ୍ରୱାଲ, ଆନନ୍ଦ ଅଗ୍ରୱାଲ ପଟ୍ଟା କରାଇ ନେଇଥିବାରୁ ଏହାର ପ୍ରତିବାଦ କରି ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ ଯାହା ୨୩.୮.୨୦୨୩ରେ ଉକ୍ତ ଜମି ଘନଶ୍ୟାମ ନିଆଲ ଓ ଓଗେରଙ୍କ ଦଖଲରେ ଥିବା ଦର୍ଶାଇ ଖାରଜ ପାଇଁ ଡିଗ୍ରୀ ପ୍ରଦାନ କରିଥିଲେ। ଏହି ବିଷୟକୁ ନେଇ ସଂପୃକ୍ତ ତହସିଲଦାର ରତନଲାଲ ମୁଣ୍ଡାଙ୍କୁ ଯୋଗାଯୋଗ କରିବାରୁ ସରକାରଙ୍କ ନିୟମ ମୁତାବକ ମୁଁ ପଟ୍ଟା କରିଛି ,ଯିଏ କିଣିଛି ତାର ନାଁରେ ପଟ୍ଟା ହୋଇଛି ବୋଲି କହିଛନ୍ତି। ଅଶୋକ ଅଗ୍ରୱାଲ ଓ ଅନ୍ୟମାନେ ରାୟପୁର ଛତିଶଗଡରେ ରହୁଥିବାରୁ ତାଙ୍କ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ଏପରିକି ଅନେକ ନିରୀହ ବ୍ୟକ୍ତି ମାନଙ୍କ ଜମି ଗୁଡିକ ଫର୍ଜିରେ ରେଜେଷ୍ଟ୍ରି କରାଯାଉଥିବା ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋବ ଉଚିତ ବୋଲି ଶ୍ରୀ ଗୁରୁ କହିଛନ୍ତି।

# ମା' ପାହାର ଭଣ୍ଡାର ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ସିନାପାଲି,୨୫।୨(ସମିସ)**

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ହାତୀବନ୍ଧା ମିନି ଷ୍ଟାଡିୟମଠାରେ ରାଜ୍ୟସ୍ତରୀୟ ମାଁ ପାହାର ଭଣ୍ଡାର ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ୍ ମୋହନ ପାଣିଗ୍ରାହୀ ଯୋଗଦେଇ ହାତିବନ୍ଧା ମିନି ଷ୍ଟାଡିୟମକୁ ଶୁଭ ଉଦଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ୧୪ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟା ଆଶା ଜୈନ, ହାତିବନ୍ଧା ସରପଞ୍ଚ ଜୟନ୍ତୀ ବେହେରା, ଛିତ୍ରଭାନୁ ସିଂ ମାଝି, ସିନାପାଲି ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଲଳିତ କୁମାର ସୁନାରି, ସିନାପାଲି ସମିତି ସଂଘ ସଭାପତି ମନୀଷ କୁମାର ପଟେଲ, ପୂର୍ବତନ ପିଇଟି ଭରତ ଚନ୍ଦ୍ର କାଣ୍ଡ, ହାତିବନ୍ଧା ହାଇସ୍କୁଲ ହିନ୍ଦୀ ଶିକ୍ଷକ କମଳ ପ୍ରସାଦ ମିଶ୍ର, ସୁରେଶ୍ୱର ମେହେର, ହରିହର ମେହେର, ଶିକ୍ଷକ ରମେଶ ମେହେର, ମଞ୍ଚାସୀନ ଥିଲେ। ଏହି ଟୁର୍ଣ୍ଣାମେଣ୍ଟ ଗତ ୧୮ତାରିଖ ଆରମ୍ଭ ହୋଇଥିଲା। ଏଥିରେ ମୋଟ ୮ଟି ଦଳ ଭାଗ ନେଇଥିଲେ। ଏହି ଉଦଯାପନୀ ମ୍ୟାଚ୍



ସୁରେଶ୍ୱରୀ ଫୁଟବଲ୍ ଏକାଡେମୀ ସୋନପୁର ଓ ରାୟପୁର ଦଳ ମଧ୍ୟରେ ହୋଇଥିଲା। ଉକ୍ତ ମ୍ୟାଚ୍‌ରେ ଦୁଇ ଦଳ ପରସ୍ପର ୧-୧ ଗୋଲ ଦେବାରୁ ଖେଳ ଅମୀମାଂସିତ ରହିଥିଲା। ଫଳରେ ପେନାଲଟୀ ସୁଟ୍‌ରେ ରାୟପୁର ୬-୫ରେ ବିଜୟୀ ହୋଇଥିଲା। ଶେଷରେ ବିଜୟୀ ଦଳକୁ ୩୧ ହଜାର ନଗଦ ରାଶି ସହ ଟ୍ରଫି ଓ ଉପ ବିଜେତା ଦଳକୁ ନଗଦ ୨୧ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏଥିରେ କମିଟିର ସଭାପତି ତଥା ହାତିବନ୍ଧା ସମିତି ସଭ୍ୟ ସଞ୍ଜୟ ସିଂ ମାଝି, ଉପ ସଭାପତି ସଞ୍ଜୀବ ମିଶ୍ର, ସମ୍ପାଦକ ବିପିନ ମେହେର, ଯୁଗ୍ମ ସମ୍ପାଦକ ପ୍ରଶାନ୍ତ ମିଶ୍ର, କୋଷାଧକ୍ଷ ଚିନ୍ତାମଣି ହଂସ ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା କରିଥିଲେ ପଦ୍ମଲୋଚନ ମେହେର, ସ୍କୋରର ପରମେଶ୍ୱର ମେହେର, ଖେଳ ପରିଚାଳକ ବିବଛ ମାଝି, ନବୀନ ବିହାରୀ ସରାଫ, ବୈଷ୍ଣବ ତାଣ୍ଡି ଓ ନୀତେଶ ମାଝି କାର୍ଯ୍ୟ ତୁଲାଇଥିଲେ। ଭାଷ୍ୟକାର ଭାବରେ ପ୍ରକାଶ ଚନ୍ଦ୍ର ପାତ୍ର, ଭିମରାଜ୍ ତାଣ୍ଡି ଓ ବିଜୟ କୁମାର ସେଠୀ କାର୍ଯ୍ୟ ତୁଲାଇଥିଲେ। କମିଟିର ରାଜୁ ମେହେର, ରଞ୍ଜନ ମିଶ୍ର, ପ୍ରଶାନ୍ତ ମିଶ୍ର, ଦେବାଶିଷ ମିଶ୍ର, ଡିଙ୍କଲ ମେହେର, ଫିଜିଓ ମାଧବ ମେହେର, ପ୍ରେମଲାଲ ଧୀବର, ଉପେନ୍ଦ୍ର ବାଗ, ଲୋକନାଥ ବେମାଲ, ଗୁଣନିଧି ବେହେରା, ବସନ୍ତ ବାରିକ, କେଶବ ମାଝି, ରଘୁ ବାଗଙ୍କ ସମେତ ଅନେକ ଲୋକ ସହଯୋଗ କରିଥିଲେ।

# ସଦାଇପାଲିରେ କୋଶଲି ନାଟବାଦୀ-ନାଟଯାତ୍ରା ଉଦ୍‌ଘାଟିତ

**ବଲାଙ୍ଗିର, ୨୫।୨(ସମିସ):** ବଲାଙ୍ଗିର ସହର ଉପକଣ୍ଠରେ ଥିବା ସଦାଇପାଲି ରାମଜୀ ଯୁବକ ସଂଘ ତରଫରୁ ପଲ୍ଲିଶ୍ରୀ ବିହାରସ୍ଥିତ ରାଧାକୃଷ୍ଣ ନାଟ୍ୟ ମଣ୍ଡପରେ ସାଇଟର ପ୍ରତିଷ୍ଠାତା ଡ. ଶ୍ରୀକର ମିଶ୍ର ଓ ତାଙ୍କ ସହଧର୍ମିଣୀ ସାମାଜିକ କର୍ମୀ ସୁଲୋଚନା ମିଶ୍ରଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଏହି ଉତ୍ସବରେ ସଂଗଠକ ହରିନାରାୟଣ ପୂଜାରୀ ଅଧ୍ୟକ୍ଷତା କରିଥିବା ବେଳେ ନିର୍ଦ୍ଦେଶକ ପ୍ରଶାନ୍ତ ଖମାରୀ ଓ ସମ୍ପାଦକ ଡ.ନାରାୟଣ ପ୍ରସାଦ ମିଶ୍ର ମଞ୍ଚାସୀନ ଥିଲେ।



ମୁଖ୍ୟଅତିଥି ଭାବରେ ଯୁବନେତା ସମରେନ୍ଦ୍ର ମିଶ୍ର ଓ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ର ଏବଂ ନାଟବାଦୀ-ନାଟଯାତ୍ରାର ଉପଦେଷ୍ଟା ଅଚ୍ୟୁତାନନ୍ଦ ମେହେର ଯୋଗଦାନ କରିଥିଲେ। ସ୍ୱର୍ଗତ ହରିହର ମିଶ୍ର(ବରଗଡ଼)ଙ୍କ ସ୍ମୃତିରେ ଚଳିତ ବର୍ଷର ନାଟକୋତ୍ସବ ଉତ୍ସର୍ଗୀକୃତ ହୋଇ ତାଙ୍କ ସହଧର୍ମିଣୀ କୁନ୍ତଳା ମିଶ୍ରଙ୍କୁ ସମର୍ପଣପତ୍ର ମୁଖ୍ୟଅତିଥି ଶ୍ରୀ ମିଶ୍ର ପ୍ରଦାନ କରିଥିଲେ। ପଦ୍ମପୁର ର ବିଶିଷ୍ଟ ନାଟ୍ୟକାର ଅଶୋକ ବହିଦାରଙ୍କୁ 'କୋଶଲ ଗୌରବ ନାଟ୍ୟ ସମ୍ମାନ' ଓ ବଲାଙ୍ଗିରର ନିମାଇଁ ଚରଣ ପାଣିଗ୍ରାହୀଙ୍କୁ 'ଭାଷା ସାହିତ୍ୟ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ୫ ଦିନରେ ମୋଟ ୭ଟି କୋଶଲୀ ନାଟକ ଓ ୪ଟି ଗୀତିନାଟ୍ୟ ରାମଲୀଳାରୁ ହେବ ବୋଲି ରାମଜୀ ଯୁବକ ସଂଘର ସଭାପତି ଡା. ପ୍ରମୋଦ ମିଶ୍ରଙ୍କ ଠାରୁ ପ୍ରକାଶ। ପ୍ରଥମ ନାଟକ ସତ୍ୟରଞ୍ଜନ ବେହେରାଙ୍କ ନିର୍ଦ୍ଦେଶିତ 'କେଡା' ସମ୍ବଲପୁର ଶ୍ରୀକଲଚରାଲ ଏସୋସିଏସନର କଳାକାରମାନେ ପରିବେଷଣ କରିଥିଲେ। ଦ୍ୱିତୀୟ ନାଟକଟି ଦେଓଗାଁ ବ୍ଲକ କୁନ୍ଦେଇମାଲ ଶ୍ରୀଦୁର୍ଗା ଗଣନାଟ୍ୟର ରାମଲୀଳା କଳାକାରମାନେ ନୃପରାଜ ବିଶ୍ୱାଳଙ୍କ ନିର୍ଦ୍ଦେଶନାରେ 'ରାମ ବନବାସ' ଗୀତିନାଟ୍ୟ ପରିବେଷଣ କରିଥିଲେ। ରାମଜୀ ଯୁବକ ସଂଘ ବରିଷ୍ଠ ସଦସ୍ୟ ରମେଶ ନାଏକ, ବିରଞ୍ଚି ସାଏ, ସନ୍ତୋଷ ବ୍ରହ୍ମା, ପ୍ରଫୁଲ୍ଲ ମିଶ୍ର, ଅଶୋକ ପଧାନ, ଦେବାଶିଷ ପଟ୍ଟନାୟକ, ଜୟନ୍ତ ପଟେଲ, ଆଦିତ୍ୟ ପଟ୍ଟନାୟକ, ତଥା ଲୋକନାଥ ସିଂହ ପ୍ରମୁଖ ସହଯୋଗ କରିଥିଲେ।

